
# ପାଇକା

## ୨୦୧୯

ପଞ୍ଚମ ସଂଖ୍ୟା



ବନ୍ଧୁ

ଲଙ୍କାପଡ଼ା, ଜଗତସିଂହପୁର

ସଂପାଦକ

ତାରାକାନ୍ତ ନାୟକ

ରୂପାୟନ

ହରିଶ ପାଣିଗ୍ରାହୀ

ଶ୍ରୀକାନ୍ତ କୁମାର ନାୟକ

## ସମ୍ପାଦକୀୟ

**ପାଇକା**

ଗାଆଁର
କଥା ଓ କବିତା, ଶୀତ ଓ ସୁନ୍ଦରତା;
ଧୂଳି ଓ ଧୂମାଳ, ମାଟି ଓ ମୋହ;
ମଣିଷ ଓ ମଧୁରତା, ଜହ୍ନ ଓ ଜହ୍ନିଫୁଲ;
ଖରା ଓ ଖୁଦୁରୁକୁଣୀ, ଆଜି ଓ ଆସନ୍ତାକାଲି;
ଧାନକିଆରି ଓ ଧୋବାତୁଠ, ବନ୍ୟା ଓ ବୈଶାଖ;
କୁହୁଡ଼ି ଓ କାଶତଣ୍ଡୀ, କୁଟାଗଦା ଓ କୁମ୍ଭାଟୁଆ;
ଆମ୍ବତୋଟା ଓ ଅଗିଜଳା, ପାଳଭୂତ ଓ ପିଲାଧରା;

ଏସବୁ ଓ ଗାଆଁର ଅନ୍ୟ ସବୁକୁ କାଳି ଓ କାଗଜରେ ଧରିରଖୁ ପାଇକାର ତୃଷ୍ଣା।

ହଜିଯାଉଥିବା ବଣବୁଦା, ବୁଝାପଡୁନଥିବା ବିକାଶ ଓ ସର୍ବଗ୍ରାସୀ ସହରୀ ଆକର୍ଷଣରୁ ବଞ୍ଚିରହିପାରିଥିବା ମଣିଷ ଓ ତା'ର ଦୀର୍ଘଶ୍ୱାସ। ଏ ସବୁ ସତ୍ତ୍ୱେ "ଗାଁ" ବଞ୍ଚିଛି ଏବଂ ବଞ୍ଚିରହିଥିବ। କାରଣ ସମସ୍ତଙ୍କ ଦୁଆର ବନ୍ଦ ହୋଇଯିବା ପରେ, ସବୁ ଭଲ ସରିଯିବା ପରେ, ସବୁ ଦୀପ ଲିଭିଯିବା ପରେ ମଧ୍ୟ ମାଆ ପରି ଗାଆଁ ଆମକୁ କୋଳେଇ ନେଇପାରିବ। ସେଇ ଗାଆଁର ମନକଥା ଓ ତାର ଅନୁଭବକୁ ସାଇତି ରଖିବା ପାଇଁ "ପାଇକା"ର ପରିକଳ୍ପନା।

**ବନ୍ଧୁ ପରିବାର**

ବନ୍ଧୁ। ତୁମ, ମୋ ଓ ଅନ୍ୟ ସଭିଙ୍କ ଭିତରେ ନିହିତ ଥିବା ନିଛକ ଭଲପଣ ଏହାର ଆଧାରଶିଳା। ଭବ୍ୟ ନ ହୋଇପାରନ୍ତି, କିନ୍ତୁ ଭଲ। ସୀମାହୀନ ବନ୍ଧୁତ୍ୱରେ ବନ୍ଧା କିଛି ମଣିଷମାନଙ୍କ ମନମତାଣିଆ ମିଳାମିଶା ହିଁ ବନ୍ଧୁ। ମନର ମଣିଷମାନଙ୍କ ସାନ୍ନିଧ୍ୟରେ ଛଳଛଳ ଯେମିତି ବନ୍ଧୁର ବାତାବରଣ, ଠିକ୍ ସେମିତି ଛଳନା ଠୁଁ ବହୁଦୂରରେ, ନିଜର ଅନ୍ତସ୍ଥ ଏବଂ ସମାଜରେ ଥିବା ଅସଙ୍ଗତି ବିରୁଦ୍ଧରେ ବେସାଲିସ୍ ସଂଗ୍ରାମ ହିଁ ଏହାର ବର୍ଣ୍ଣନବାକ୍ୟ ହୋଇପାରେ। ସ୍ଥଳ ବିଶେଷରେ ହୁଏତ ମାମୁଲି କିନ୍ତୁ ନିଷ୍ପାପର ଏହାର କାମ। ସାପ୍ତାହିକ ସଂସ୍କାରବର୍ଗ-କାହାଣୀ, ଖେଳ ଓ ଗୀତ ମାଧ୍ୟମରେ ଶିଶୁ ପ୍ରାଣରେ ଭାବଜାଗରଣ ଏବଂ ମଣିଷକୁ ତଥା ମାଟିକୁ ଭଲପାଇପାରୁଥିବା ନୂଆ ପିଢ଼ୀର ନିର୍ମାଣର ନୀରବ ଓ ନିଷ୍ପାପର ସାଧନାରେ ବ୍ରତୀ ବନ୍ଧୁ। ମଦମୁକ୍ତି ଆନ୍ଦୋଳନକୁ ସ୍ଥାନୀୟ ଓ ରାଜ୍ୟ ସ୍ତରରେ ନେତୃତ୍ୱ ଦିଅନ୍ତି ବନ୍ଧୁର କିଛି ସ୍ୱେଚ୍ଛାସେବୀ। ବିଗତ ତେରବର୍ଷ ଧରି ଆୟୋଜିତ ହୋଇ ଆସୁଥିବା ଆନନ୍ଦ ଓ ଆଲୋକର ତ୍ରିଦିବସୀୟ ଉତ୍ସବ 'ଅଙ୍କୁରାୟନ' ଆଜି ସ୍ଥାନୀୟ କିଶୋର ମାନସରେ ଆଙ୍କି ପାରିଛି ନିଜ ଛବି। ଗାଁ ପଣିଆର ସୁରକ୍ଷା, ପୋଷଣ ଓ ପ୍ରତିଷ୍ଠା ପାଇଁ ସତତଃ ପ୍ରୟାସରତ ବନ୍ଧୁର ପ୍ରାଣ।

ମାଟିଆ — ତାରାକାନ୍ତ ନାୟକ — ୫
ମାମୁଘର — ଶିବ ପ୍ରସାଦ ସାହୁ — ୮
ଶିକ୍ଷାର ପରିଭାଷା — ସୋହେଲ ଅଜିଜ — ୧୦
ଭାଗବଣ୍ଟାରେ ମାଆ — ଭଗବାନ ସାମଲ — ୧୨
ଆମେ ପଢ଼ାଇବୁ ଆମକୁ — ଯଦୁନାଥ ସାହୁ — ୧୪
ଆଉ କେତେ ଦିନ — ବୈଦନାଥ ବାରିକ — ୧୫
ସ୍ୱପ୍ନର ଯୁବକ ଟିଏ — ଉମେଶ ନାୟକ — ୧୬
**ବନ୍ଧୁ** — ରାଧାଗୋବିନ୍ଦ ଲେଙ୍କା — ୧୭
କୋଟିଏରେ ଗୋଟିଏ — ଦେବଯାନୀ ସାହୁ — ୧୮
ମାଆଙ୍କ ଅଫିସ୍ — ଜ୍ୟୋତିର୍ମୟୀ ସାହୁ — ୧୮
କୁନିଝିଅ ପାଇଁ କଥାଟିଏ — ପ୍ରଜ୍ଞାପରମିତା ସାହୁ — ୧୯
ସବୁଠୁ ଭଲ ମୋ ମାଆ — କାଜଲ ନାୟକ — ୨୦
ପାଇକା କୁସୁମ ବନ୍ଧାଣ ଥାଳୀ — ବନବିହାରୀ ସାହୁ, ରାଜକିଶୋର ସାହୁ — ୨୧
କିଏ ସେମାନେ — ତାରାକାନ୍ତ ନାୟକ — ୨୨

## କଲମ


ଅଙ୍କୁରାୟନରେ ନୂଆ ସାଙ୍ଗ
ସତ୍ୟଜିତ୍ ଲେଙ୍କା — ୨୪
ଶୁଭଶ୍ରୀ ପ୍ରୀତିପର୍ଣ୍ଣା ସିଂହ — ୨୫
ଚୌଧୁରୀ କୃପାଜଳ — ୨୬
ଶ୍ରଦ୍ଧାଞ୍ଜଳୀ ଦାସ — ୨୭
ରତ୍ନପର୍ଣ୍ଣା ମହାନ୍ତି — ୨୮
ତପସ୍ୱିନୀ ସାହୁ — ୨୯
ପ୍ରିତମ୍ କୁମାର ନାୟକ — ୩୦
ଧାନ ବିଲରେ ବାପାଙ୍କ ସହ ଦିନେ
ପ୍ରିତମ୍ କୁମାର ନାୟକ — ୩୨
ରୂପାଲି ସତ୍ୟସ୍ୱରୂପା — ୩୩
ଶୁଭଶ୍ରୀ ରାଉତ — ୩୪

## 'ବନ୍ଧୁ' ଆନନ୍ଦକେନ୍ଦ୍ର

ଆନନ୍ଦକେନ୍ଦ୍ର — ୩୬
ଏକ ସୁନ୍ଦର କଳ୍ପନାର ସଫଳ.. — ସୁଜିତ୍ ମଲ୍ଲିକ — ୩୮
ସଂସ୍କାରବର୍ଗ — ମାନସ ମଲ୍ଲିକ — ୩୯
ଆନନ୍ଦ କେନ୍ଦ୍ର — ଲିପୁନ୍ ମଲିକ — ୪୦

## ଅଙ୍କୁରାୟନ

ତେରଟି ପଉଷ ପରେ ପୁଉଣି ଅଙ୍କୁରାୟନ — ୪୨
ଅଙ୍କୁରାୟନ ୨୦୧୮ର ନିମନ୍ତ୍ରଣ ପତ୍ର — ୪୩
ଅଙ୍କୁରାୟନ-୨୦୧୮ର ବିବରଣୀ — ୪୪
ଅଙ୍କୁରାୟନ ୨୦୧୭ର ନିମନ୍ତ୍ରଣ ପତ୍ର — ୪୭
ଅଙ୍କୁରାୟନ-୨୦୧୭ର ବିବରଣୀ — ୪୮
ଅଙ୍କୁରାୟନ ୨୦୧୯ର ନିମନ୍ତ୍ରଣ ପତ୍ର — ୫୨
ଭିନ୍ନ ଭୂମିକାରେ...ବନ୍ଧୁ — ୫୩
'ଫନି' ପରେ ପୁରୀରେ — ୫୪
ବନ୍ଧୁଘର — ୫୬
ବନ୍ଧୁ ରିପୋର୍ଟ — ୫୭
ଗଛପାଇଁ ସାଥୀଟିଏ — ୬୨
ମଦମୁକ୍ତି ପାଇଁ ଯୁବକ ଲୋଡା — ୬୩



# ମାତିଆ

ତାରାକାନ୍ତ ନାୟକ

**ସେ ବୁଝୁଥିଲେ ମାତିଆ ଇଂରାଜୀ ବୁଝେନା। ମାତ୍ର ମାତିଆ ଯାହା ବୁଝିପାରେ ହୁଏତ ଇଂରାଜୀ ଭାଷା ତାହାକୁ ବ୍ୟକ୍ତ କରିବାକୁ ଅସମର୍ଥ।**

କିଛି ଭଲ ଲାଗୁ ନଥିଲା। ସେ ଭଲ ନ ଲାଗିବା ବି ଅକାରଣ ନଥିଲା। କିନ୍ତୁ କାରଣଟି ଯେ କିଛି ବିଶେଷ, ହୁଏତ ସେମିତି ବି କିଛି ନୁହେଁ!

ମାସେ ତଳେ ନିଜ ଜନ୍ମମାଟିଠାରୁ କେଇ ସହସ୍ର ମାଇଲ ଦୂର ଅନ୍ୟ ଏକ ମହାଦେଶର ଗୋଟିଏ ଛୋଟିଆ ଦେଶକୁ ଆସିଥିଲା ପରିବାରଟିଏ। ପୁଅ ଓ ତା'ର ବାପା ମାଆ। ମିଳିତ ଜାତିସଂଘ ଓ ସେହି ଦେଶ ଇଟାଲୀର ସରକାରଙ୍କ ଦ୍ୱାରା ପରିଚାଳିତ ଏକ ଶିକ୍ଷା ଓ ଗବେଷଣା ଅନୁଷ୍ଠାନରେ ବାପା ଜଣକ ଜଣେ ଆସୋସିଏଟ୍ ହୋଇଥିବା କାରଣରୁ ତାଙ୍କୁ ମଝିରେ ମଝିରେ ସେଠାକୁ ଆସିବାକୁ ହୋଇଥାଏ। ଏଇ କିସ୍ତିରେ ସପରିବାର ଆସିଥିଲେ। ମଧ୍ୟାହ୍ନ ଭୋଜନ ସାରି ବାପା ଜଣକ ସେ ଅନୁଷ୍ଠାନଟିକୁ ଚାଲିଯିବା ପରେ ରାତି ପାଇଁ ରନ୍ଧାରନ୍ଧି ସାରିଦେଇ ମାଆଟି ସାତବର୍ଷର ପୁଅ ସମନ୍ୱୟକୁ ନେଇ ଯାଏ ନିକଟସ୍ଥ ଅତି ଉଚ୍ଚାଉଚ୍ଚା ଗଛ ଥିବା ଉଦ୍ୟାନଟିକୁ। ଛୋଟ ପିଲାଙ୍କ ପାଇଁ ଭଲିକି ଭଲି ଖେଳର ବ୍ୟବସ୍ଥା ଥିବା ସେ ଉଦ୍ୟାନଟି ଅପରାହ୍ନରେ କୋଳାହଳମୟ ହୋଇ ଉଠୁଥିଲା ଆଖପାଖରେ ରହୁଥିବା ସାନସାନ ପିଲା ଓ ସେମାନଙ୍କ ବାପାମାଆଙ୍କ ଉପସ୍ଥିତିରେ। ସେଠାକୁ ନିୟମିତ ଆସୁଥିବା ପିଲାମାନଙ୍କ ମଧ୍ୟରୁ ଜଣଙ୍କ ସହ ଭାବବିନିମୟ ଗାଢ଼ ହୁଏ।

ଇଟାଲୀର ଅନ୍ୟ ଏକ ସହର ଫର୍ମିଆ। ସେଠାରୁ ଅଳ୍ପଦିନ ହେଲା ଆସିଥାନ୍ତି ଗୋଟିଏ ପରିବାର। ବାପା, ମାଆ, ବିଦ୍ୟାଳୟରେ ପଢୁଥିବା ଜଣେ ପୁଅ, ଜଣେ ଝିଅ ଓ ପ୍ରାୟ ପାଞ୍ଚବର୍ଷର ସବା ସାନପୁଅ- ନାଁ ତାର ମାତିଆ। ମାତିଆର ମାତୃଭାଷା ଇଟାଲୀର କୌଣସି ଏକ କଥିତଭାଷା। ସମନ୍ୱୟର ଭାଷା ଏକ ଭାରତୀୟ ଭାଷା- ଓଡ଼ିଆ। କଥାବାର୍ତ୍ତା ହୋଇପାରିବାର ଏକମାତ୍ର ଭାଷା ଇଂରାଜୀ କାରଣ ଇଂରାଜୀ ଉପରୋକ୍ତ ଦୁଇଭାଷାର ମଧ୍ୟବିନ୍ଦୁର ନିକଟତମ! ଇଂରାଜୀ କହିବା ଓ ବୁଝିବା କିଛି ସଯତ୍ନ ଚେଷ୍ଟାପରେ ହିଁ କେବଳ ସମ୍ଭବ ହୋଇ ପାରୁଥିଲା, ମାତିଆ, ସମନ୍ୱୟ ଓ ସେମାନଙ୍କୁ ସାହଚର୍ଯ୍ୟ ଦେଉଥିବା ସେମାନଙ୍କ ମାଆମାନଙ୍କ ଭିତରେ। ଉଦ୍ୟାନକୁ ଆସିବାବେଳେ ମାତିଆର ମା ଲୋରିତା ସେଥିପାଇଁ ସାଙ୍ଗରେ ଶବ୍ଦକୋଷଟିଏ ଆଣି ଆସୁଥାଏ। ଇଂରାଜୀରୁ ଇଟାଲୀୟ ଓ ଇଟାଲୀୟରୁ ଇଂରାଜୀ ଭାଷାନ୍ତର ସେଇ ଛୋଟ ଶବ୍ଦକୋଷ ଜରିଆରେ ହୋଇପାରୁଥାଏ।

ଭାବ ପାଇଁ ଭାଷା କଣ ଅନିବାର୍ଯ୍ୟ ? ଅନ୍ତତଃ ମାତିଆ ଓ ସମନ୍ୱୟଙ୍କ ପାଇଁ ନୁହେଁ। ପରସ୍ପରକୁ ଦେଖିବା ହିଁ ଯଥେଷ୍ଟ। ସମନ୍ୱୟର ନାଁ ଧରି କାମ ଚଳିଲା ପରି ଠିକ୍ ଢଙ୍ଗରେ ଡାକିବା ସମ୍ଭବ ହେବାକୁ ମାତିଆକୁ ପ୍ରାୟ ପନ୍ଦରଦିନ ଲାଗିଥିଲା ଏବଂ ଶେଷ ପର୍ଯ୍ୟନ୍ତ ସେ 'କମନଅ' ବୋଲି ଡାକିପାରୁଥିଲା। ଏହାକୁ ସଂଶୋଧନ କରିଦେବାର ଆବଶ୍ୟକତା ସେମାନେ କି ସେମାନଙ୍କୁ ସେଠାକୁ ପ୍ରତିଦିନ ଆଣୁଥିବା ସେମାନଙ୍କ ମାଆମାନେ ଅନୁଭବ କରୁନଥିଲେ। ବରଂ ମାତିଆର ସେ ବିଶୁଦ୍ଧ ଶ୍ରଦ୍ଧାମୟ ଡାକ ସମନ୍ୱୟର ବାପା ଗ୍ରହଣ କରିନେଇ ସେଇ ନାଁରେ ତାକୁ ଡାକିବାକୁ ଆରମ୍ଭ କରିଦେଇଥିଲେ। ପରସ୍ପରକୁ

ଦେଖିଦେଲେ ପ୍ରଥମେ ନାଚି ଉଠିବେ ସେମାନେ। ଦଉଡ଼ି ଆସିବେ ଘେରାଏ ଦି ଘେରା ଡେଙ୍ଗା ଡେଙ୍ଗା ଗଛମାନଙ୍କ ଗହଳି ଭିତର ଦେଇ। ତାପରେ ଆରମ୍ଭ ହୋଇଯିବ ବୟସ୍କଙ୍କ ଦୃଷ୍ଟିରେ କିଛି ମାନେ ନଥିବା ରକମ ରକମର ଖେଳ। ଟ୍ରେଷ୍ଟେ ନଗରୀର ଆକାଶକୁ ଅନ୍ଧାର ଆସିବା ପର୍ଯ୍ୟନ୍ତ, ବରଂ ତାପରେ ମାଆମାନେ ଆକଟ କରିବା ପର୍ଯ୍ୟନ୍ତ ଲାଗି ରହିବ ଖେଳ। କେବଳ ଶୁଭୁଥିବ କମନଅ, ମାତିଆ। ଛଳଛଳ ହସର ଜୁଆରରେ ଓଦା ହେଉଥିବେ ସେ ଦୁଇ କୁନି ପ୍ରାଣ। ଉଦ୍ୟାନରୁ ବିଦାୟ ନେବା ବେଳକୁ ମାତିଆର ଗୋରା ମୁହଁ ଲାଲ ପଡ଼ିବ, ସେ କାନ୍ଦ କାନ୍ଦ ହୋଇ ତା ଭାଷାରେ କହିଯିବ କ'ଣ, କ'ଣ। ତାହାର ଅର୍ଥ ହୋଇଥିବ, ପୁଣି ଆସିବୁ, ଚାଲିଯାଆନା ଇତ୍ୟାଦି ଶ୍ରେଣୀୟ କିଛି କଥା! ମାତିଆ ଠାରୁ ବୟସରେ ସାମାନ୍ୟ ବଡ଼ ହୋଇଥିବାରୁ ସମନ୍ୱୟ ହୁଏତ ସହଜରେ ଗ୍ରହଣ କରିନେଇପାରେ ବିଦାୟ ଦିଆ ନିଆକୁ! କିନ୍ତୁ ଦୃଶ୍ୟାନ୍ତର ହେବା ପର୍ଯ୍ୟନ୍ତ ମାତିଆର ମୁହଁ ଓହଳି ରହିଥାଏ।

ମାତିଆର ପରିବାର ଯେଉଁଦିନ ସମନ୍ୱୟ ରହୁଥିବା ଭଡାଘରକୁ ଆସିଥିଲେ, ସେଦିନ ବି ଅବସ୍ଥା ଥିଲା ସମାନ। ଲୋରିତାକୁ ଅନେକ ବୁଝାଇବାକୁ ପଡ଼ିଥିଲା। ବିଦାୟ ପର୍ବ ଥିଲା ଖୁବ୍ କରୁଣ। ଆଖିରେ ଲୁହ ନେଇ ରାତି ଏଗାରଟାବେଳେ ମାତିଆ ତା ପରିବାର ସହ ଚାଲିଯିବାବେଳେ ବାରମ୍ବାର ଫେରିଆସି ତା ପ୍ରିୟ 'କମନଅ'କୁ କୁଣ୍ଢାଇଧରି ତା ଦରୋଟି ଭାଷାରେ କଣ କଣ ସବୁ କହି ଯାଉଥିଲା। ସେ ଭାଷାକୁ ବୁଝିପାରିବାର ସାମର୍ଥ୍ୟ କାହାର ହୁଏତ ଥାଇପାରେ! କିନ୍ତୁ ଅନୁଭବର ସେ ଗଭୀରତାକୁ ଛୁଇଁବା ହୋଇଥିବ ହୁଏତ ଅନେକଙ୍କ ସାମର୍ଥ୍ୟର ପରିଧି ବାହାରେ। ଏଇ ନିବିଡ଼ତା ଯେ ମାରପିଟ୍ ବା ରାଗରୁଷା ରହିତ ତାହା ନୁହେଁ। କେବେକେବେ ମାତିଆ ରୁଷେ। ମୁହଁ ମାଡ଼ି ଖଟରେ ପଡ଼ିଥାଏ, ଯେତେବେଳେ ହୁଏତ ସମନ୍ୱୟର କୌଣସି ବ୍ୟବହାରର ତା ଦ୍ୱାରା କରାଯାଇଥିବା ବାଖ୍ୟା ତାକୁ ଗ୍ରହଣୀୟ ହୁଏନା। ତାକୁ ଉଠାଇବାକୁ ସମନ୍ୱୟ ତା ମୁହଁ ପାଖକୁ ମୁହଁ ନିଏ। ମାତିଆ ବୁଲିପଡ଼ି ଅନ୍ୟ ଆଡକୁ ଅନାଏ। ଲୁହରେ ଆଖି ତା'ର ଉବୁଟୁବୁ। କଥାବାର୍ତ୍ତାର ଅବକାଶ କି ଆବଶ୍ୟକତା, କିଛି ବି ନଥାଏ। ଏ ଦୃଶ୍ୟ ମନଭରି ଉପଭୋଗ କରନ୍ତି ଦୁଇଯୋଡ଼ା ପିତାମାତା ଓ ମାତିଆର ବଡ଼ ଭାଇଭଉଣୀ।

ଗତକାଲି ସମନ୍ୱୟ ଫେରିଯାଇଛି ଭାରତ, ତା ମାଆ ସହ। ଯିବା ପୂର୍ବରୁ ପୁଣିଥରେ ବାପାମାଆ ସହ ସେ ଯାଇଥିଲା ମାତିଆ ରହୁଥିବା ଭଡାଘରକୁ, ଶେଷଥର ଦେଖା କରିବା ପାଇଁ। ଫେରିବା ବେଳେ ମାତିଆ କାନ୍ଦିଥିଲା। ଆହୁରି ଜୋର୍‌ରେ ବିକଳ ହୋଇ କାନ୍ଦିଥିଲା ସେଦିନ। ହୁଏତ ବାପାମାଆଙ୍କ ବ୍ୟବହାରରୁ ସେ ଠଉରେଇ ପାରିଥିଲା ଯେ ସମନ୍ୱୟ ଆଉ ସେ ଉଦ୍ୟାନକୁ ଆସିବନି। ତାପରେ ସେ ସମନ୍ୱୟକୁ ଜାବୁଡ଼ି ଧରିଲା। ବୁଝାଶୁଝା ଓ ବିଦାୟ।

ସେ ବହୁତଳ କୋଠାର ଚାରିମହଲାରେ ରହନ୍ତି ମାତିଆର ପରିବାର। ସମନ୍ୱୟ ଓ ତା ବାପାମାଆଙ୍କୁ ବିଦାୟ ଦେବା ପାଇଁ ମାତିଆର ପୂରା ପରିବାର ଲିଫ୍ଟରେ ଆସି ତଳମହଲାରେ ଛିଡା ହୋଇଥିଲେ। ଡାକ ଠିକଣା, ଫୋନ ନମ୍ବର ଓ ହ୍ୱାଟ୍‌ସଆପ ନମ୍ବର ଦିଆନିଆ ପରେ ବିଦାୟ। ଟ୍ରେଷ୍ଟେ ନଗରୀଟି ପାହାଡ଼ ପିଠିରେ। ପାହାଡ଼ର ଶିଖର ଲାଗିଥାଏ ସ୍ଲୋଭେନିଆ ଦେଶର ସୀମାକୁ ଏବଂ ପାହାଡ଼ର ପାଦ ଧୋଉଥାଏ ଆଡ୍ରିଆଟିକ ସାଗର। ସମନ୍ୱୟର ଭଡାଘର ମାତିଆର ଘର ଠାରୁ ପାଦଚଲା ଦୂରତାରେ, କିନ୍ତୁ ଅପେକ୍ଷାକୃତ ଏକ ଉଚ୍ଚସ୍ଥାନରେ। ସେ ଅଟ୍ଟାଳିକାର ତଳମହଲାରୁ ସମନ୍ୱୟର ଘରକୁ ଯିବାକୁ ହେଲେ ପାହାଡ଼ ଚଢ଼ି ଉଠିବାକୁ ହୁଏ ପାହାଡ଼ର ଶିଖର ଦିଗରେ। ସେ ରାସ୍ତା କିଛିବାଟ ପର୍ଯ୍ୟନ୍ତ ଦିଶେ ମାତିଆର ବାଲ୍‌କୋନିରୁ। ବିଦାୟ ପରେ ତରବରରେ ଦୌଡ଼ି ଦୌଡ଼ି ଶୀଘ୍ର ମାତିଆ ଯାଇ ପହଞ୍ଚିଥିଲା ତାଙ୍କ ବାଲ୍‌କୋନିରେ। ଅଳ୍ପବାଟ ଯାଇ ସମନ୍ୱୟ ଅନେଇ ରହିଲା ମାତିଆର ବାଲକୋନିକୁ। ପୁଣି ଚାଓ ଚାଓ (ଇଂରାଜୀ ଅର୍ଥରେ ବିଦାୟ), ମାତିଆ, କମନଅ ଇତ୍ୟାଦି କିଛି ମିନିଟ୍ ପାଇଁ ଶବ୍ଦର ଆଦାନ ପ୍ରଦାନ ଚାଲିଥିଲା ପରସ୍ପର ଅଦୃଶ୍ୟ ହେବାଯାଏ।

କିଛିଦିନ ତଳେ ସମ୍ଭବତଃ ଇଟାଲୀର ଏକ ପାରମ୍ପରିକ ପିଠା ନିଜେ ତିଆରି କରି ଲୋରିତା ଗୋଟିଏ ପ୍ଲେଟ୍‌ରେ ସୁନ୍ଦର ଭାବରେ ପ୍ୟାକ୍ କରି ସମନ୍ୱୟ ତଥା ତା'ର ବାପାମାଆଙ୍କ ପାଇଁ ପଠାଇଥିଲା । ଆବଶ୍ୟକ ପଡ଼ିବାରୁ ରନ୍ଧାଚୁଲା ଲଗା ଲାଇଟରଟି ମଧ୍ୟ ବଡ଼ ଝିଅ ହାତରେ ପଠାଇଥିଲା ଲୋରିତା। ସେ ପ୍ଲେଟ୍ ଓ ଲାଇଟରଟିକୁ ଫେରାଇବା ପାଇଁ ଆଜି ଉଦ୍ୟାନକୁ ଯାଇଥିଲେ ସମନ୍ୱୟର ବାପା । ଲୋରିତା ସହ ସାମାନ୍ୟ କଥା ହୋଇ ସେ ଦୁଇ ଚିଜ ତାକୁ ହସ୍ତାନ୍ତର କରି ଫେରିବା ବେଳେ ସେ ଚାହିଁଲେ ଖେଳରେ ମସଗୁଲ ମାତିଆ ଆଡ଼େ। ତା ପୂର୍ବରୁ ଦୂରରୁ ଲୋରିତା ଭଳି ଦିଶୁଥିବା ସ୍ତ୍ରୀ ଲୋକଟି ଯେ ଲୋରିତା ତାହା ନିଶ୍ଚିତ କରିବା ପାଇଁ ସେ ଖେଳମାନ ଶିଶୁମାନଙ୍କ ଆଡ଼େ ଅନାଇ ମାତିଆକୁ ଠାବ କରିଥିଲେ, ଅବଶ୍ୟ ମାତିଆର ନଜର ବାହାରେ ରହି। ବର୍ତ୍ତମାନ ମାତିଆକୁ ଚୁମାଟିଏ ଦେବାର ଇଚ୍ଛାକୁ ଜୟ କରିନପାରି ସେ ମାତିଆ ଆଗରେ ଉଭାହେଲେ। ମାତ୍ର ମାତିଆ ତାଙ୍କୁ ଦେଖି ଦେବାର ଠିକ୍ ପରମୁହୂର୍ତ୍ତରେ ଚଞ୍ଚଳ, ବିବ୍ରତ ଓ କାନ୍ଦକାନ୍ଦ। ବଗିଚାର ବଡ଼ବଡ଼ ଗହଳଗଛ ଓ ସମନ୍ୱୟ ବଗିଚାର ଯେଉଁ ଫାଟକ ଦେଇ ଆସେ ସେ ଆଡ଼େ ଚାରିଆଡକୁ ଚାହିଁ ଖୋଜି ଚାଲିଲା। ଟ୍ରେଷ୍ଟେର ଆକାଶରେ ସବୁବେଳେ ମେଘ ଥାଏ ଏବଂ କେବେବି ତାହା ଓଜାଡ଼ି ହୋଇ ପଡ଼ିପାରେ। ଠିକ୍ ସେମିତି ମାତିଆର ମନ। ଅସରାଏ ବାଦଲ ମାତିଆ ଆଖିରେ ଠୁଳ ହେଲେ। ସେଠାରୁ କେମିତି କେତେ ଶୀଘ୍ର ପଳାଇ ଆସିପାରିବେ, ଭାବୁଥିଲେ କିଂକର୍ତ୍ତବ୍ୟବିମୁଢ଼ ସମନ୍ୱୟର ବାପା! ଅତର୍କିତ ପହଞ୍ଚି ସାରିଥିବା ସେ ମହାପ୍ରଳୟର ଆଭାସ ପାଇବା ବେଳକୁ ଭାବିବାକୁ ଆଉ ସମୟ ନଥିଲା। ତରବରରେ ଚୁମାଟିଏ ଦେଇ, ପ୍ଲେ, ପ୍ଲେ, ହି ଇଜ୍ ନଟ୍ ହିଅର, କହିଦେଇ ଚାଲିଆସିଲେ ସେ। ସେ ବୁଝୁଥିଲେ ମାତିଆ ଇଂରାଜୀ ବୁଝେନା। ମାତ୍ର ମାତିଆ ଯାହା ବୁଝିପାରେ ହୁଏତ ଇଂରାଜୀ ଭାଷା ତାହାକୁ ବ୍ୟକ୍ତ କରିବାକୁ ଅସମର୍ଥ। ମାତିଆର ଆଖିକୁ ଚାହିଁ ପାରିବାର ଶକ୍ତି ନଥିଲା। ଆକାଶରେ ମେଘ ଉଠାଇଥିଲା। କିଛି ବାଟ ଚାଲିଆସି ଗଛ ଡାଳର ଗହଳ ଭିତରୁ ସେ ଦେଖିବାକୁ ଚେଷ୍ଟା କଲେ। ମାତିଆ ତଥାପି ଚୁପ୍‌ଚାପ୍ ଠିଆ ହୋଇ ରହିଥିଲା। ଆଉ ଏଣେତେଣେ ଅନାଉଥିଲା। କିଛିସମୟ ପରେ ଟୋପା ଟୋପା ପାଣି ପଡୁଥିଲା, ଦୁହିଁଙ୍କ ଆଖିରୁ ଓ ଆକାଶରୁ।

*ରା/ଏସର*



# ମାମୁଘର

**ଶିବ ପ୍ରସାଦ ସାହୁ**

**ସମୟର କ୍ରୁର ଚକତଳେ ଏବଂ ଜୀବନ ଜୀବିକାର ପଶାପାଲି ଭିତରେ ମଣିଷ ଏମିତି ଫସି ଯାଏ ଯେ ସେ ତାର ପୁରୁଣା ସ୍ମୃତିକୁ ପାସୋରି ଯିବାକୁ ବାଧ ହୋଇଥାଏ।**

ମାମୁଘର ଗାଁର ମହକ କିଛି ଅଲଗା ପ୍ରକାରର ହୋଇଥାଏ। ଛୋଟବେଳେ ମାମୁଘରକୁ ଅତିକମ୍‌ରେ ବର୍ଷକୁ ଦୁଇଥର ଯିବାଟା ଥୟ। ଥରେ ବାର୍ଷିକ ପରୀକ୍ଷା ସରିଲେ ଜୁନ୍ ମାସରେ ଓ ଆଉ ଥରେ ଛ ମାସିଆ ପରୀକ୍ଷା ସରିଲେ ଡିସେମ୍ବର ମାସରେ। ମାମୁଘର ଗାଁର ଅବସ୍ଥିତି କହିଲେ କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲା ଦୁଇଟିର ସୀମାରେଖା। ନିପଟ ମଫସଲ ଗାଁ ଲଙ୍କାପଡ଼ା। ଏ ଗାଁକୁ ତିନି ପାର୍ଶ୍ୱରୁ କେନ୍ଦ୍ରାପଡ଼ା ଜିଲ୍ଲା ଘେରି ରହିଥିଲେ ମଧ ଗାଁଟି ଜଗତସିଂହପୁର ଜିଲ୍ଲାରେ ଅବସ୍ଥିତ। ନବେ ଦଶକରେ କେନ୍ଦ୍ରାପଡ଼ା ପଟୁ ଯିବାକୁ ହେଲେ ସାଇକେଲ କିମ୍ବା ପାଦଚଲା ରାସ୍ତା ହିଁ ମାଧ୍ୟମ ଥିଲା। ତିନୋଟି ନଦୀ ଯଥା ଲୁଣା, କରାଣ୍ଡିଆ ଓ ଚିତ୍ରୋତ୍ପଳା ପାରିହେଲେ ମାମୁଘର ଗାଁ ପଡ଼େ। କୋଟକଣା ଦେଇ ବସରେ ଗଲେ ମଧ ସମଦଶା। କୋଟକଣାରୁ ବସ୍‌ରୁ ଓହ୍ଲେଇ ତାଳଦଣ୍ଡା ନାଳ, ମହାନଦୀ ଓ ପାଇକା ପାରିହୋଇ ଚାଲିଚାଲି ବାନାମ୍ବର ଗୋସେଇଁ ଓ ଦିଗବାରେଣୀ ଠାକୁରାଣୀ ଦେଇ ମାମୁଘରେ ପହଞ୍ଚିବା ପାଇଁ ପଡ଼େ। ସେତେବେଳେ ମାମୁଘର ଗାଁରେ ବିଜୁଳି ମଧ ନଥିଲା।

ଏବେ ଫେରିବା ମାମୁଘର ଗାଁର କିଛି ସ୍ମୃତି ଓ ଅନୁଭୂତିକୁ। ଆମବେଳେ ବାର୍ଷିକ ପରୀକ୍ଷା ମେ ମାସ ଶେଷ କିମ୍ବା ଜୁନ୍ ମାସର ଆରମ୍ଭରେ ହେଉଥିଲା। ଏହାକୁ ଖରା ଛୁଟି ବୋଲି କୁହାଯାଉଥିଲା। ଯେହେତୁ ମାମୁ ଓ ମାଇଁ ବାହାରେ ଚାକିରିରେ ରହୁଥିଲେ, ମାମୁଘରେ କେବଳ ଅଜା ଓ ଆଈ ଦୁଇଜଣ ଥିଲେ। ତେଣୁ ସେଠାରେ କିଛି ଡର ବା ଭୟ ନଥିଲା। ତା'ପରେ ପରୀକ୍ଷା ସରିଯାଇଥିବା କାରଣରୁ ଗୋଟେ ଗଡ଼ ଜୟ କରିବା ଭଳି ମନେ ହେଉଥିଲା। ପରୀକ୍ଷା ସରିଲା ପରେ ମାମୁଘରକୁ ଯାଉଥିଲୁ ଏବଂ ରଜ ପର୍ବ ମାମୁଘରେ ସାରି ରଥଯାତ୍ରା ପୂର୍ବରୁ ଅଜା କିମ୍ବା ଆଈ ସହିତ କେନ୍ଦ୍ରାପଡ଼ା ଫେରୁଥିଲୁ। ଅଜା କିମ୍ବା ଆଈ ପ୍ରସିଦ୍ଧ କେନ୍ଦ୍ରାପଡ଼ା ଶ୍ରୀ ବଳଦେବଜୀଉ ରଥଯାତ୍ରା ଦେଖି ପୁଣି ତାଙ୍କ ଗାଁ ଲଙ୍କାପଡ଼ାକୁ ଫେରୁଥିଲେ।

ସେ ସମୟରେ ମାମୁଘର ଗାଁରେ ମୋ ବୟସର ଅନେକ ପିଲା ଥିଲେ। ଛୋଟଥିବା କାରଣରୁ ସେତେବେଳେ ପୁଅ ଓ ଝିଅଙ୍କ ମଧ୍ୟରେ କିଛି ଫରକ ନଥିଲା। ସାଙ୍ଗ ହୋଇ କିତିକିତି, ପତ୍ରଚୋରି, ଡାଳି ମାଙ୍କୁଡ଼ି, ଲୁଡୁ, କଟ ଇତ୍ୟାଦି ବିଭିନ୍ନ ପ୍ରକାର ଖେଳ ଖେଳୁଥିଲୁ। ଖେଳି ସାରିଲା ପରେ ଆମ୍ବ, ପଣସ, ସପୁରି ଓ କେନ୍ଦୁ ତୋଳି ମନଇଚ୍ଛା ଖାଉଥିଲୁ। ସେତେବେଳେ ଏସବୁ ଫଳର କିଛି ଅଭାବ ନଥିଲା। ମାମୁଘରୁ ଚାଉଳ, ଡାଲି, ଆଳୁ, ଲୁଣ, ତେଲ ଓ ପରିବା ନେଇ କେତେଥର ପାଇକା ନଦୀ କୂଳ ତୋଟାରେ ବଣଭୋଜି କରି ମଧ ଖାଇଛୁ। ବର୍ଷର ପହିଲି ଆଷାଢ଼ ମାନେ ରଜ ପର୍ବ ମାମୁଘର ଗାଁରେ କଟେ। ମାମୁଘର ଗାଁରେ ରଜପର୍ବ ଖୁବ୍ ନିଆରା ଢଙ୍ଗରେ ପାଳନ କରାଯାଏ। ରଜର ସପ୍ତାହେ ପୂର୍ବରୁ ସମସ୍ତଙ୍କ ମନରେ ଅଫୁରନ୍ତ ଆନନ୍ଦ ବାରି ହୋଇଯାଉଥିଲା। ହାଟରୁ ନୂଆ ଜାମାପ୍ୟାଣ୍ଟ କିଣିବା, ଆମ୍ବ, ପଣସ କିମ୍ବା ତେନ୍ତୁଳି ଗଛରେ ଦୋଳି ବାନ୍ଧିବା ଓ ରଜ ପାଇଁ ବିଭିନ୍ନ ପ୍ରକାର ସଜବାଜ ହେବାକୁ ପଡୁଥିଲା। ଯେଉଁମାନେ ବାହାରେ

ରହୁଥିଲେ ରଜରେ ସେମାନେ ଗାଁକୁ ଆସିଯାଉଥିଲେ । ସମସ୍ତଙ୍କ ଘରୁ ପୋଡ଼ପିଠା ଓ ଚକୁଳି ପିଠାର ବାସ୍ନା ଭାସି ଆସୁଥିଲା । ପିଲାମାନେ ପିଠା ଖାଇ ରଜ ଦୋଳି ଖେଳିବାକୁ ବାହାରି ଯାଉଥିଲେ । ବଡ଼ଲୋକମାନେ ରଜପାନ ଖାଇ ତାସ୍ ଖେଳିବାକୁ ବସି ପଡୁଥିଲେ । ଉପର ଓଳି ପାଇକା ନଦୀ ବାଲିରେ ଉତ୍ସାହ ଓ ଉକ୍ରଣ୍ଠାପୂର୍ଣ୍ଣ ବାଗୁଡ଼ି ଖେଳ ହଉଥିଲା । ଯଦି ରଜ ଠିକ୍ ବାରରେ ପଡୁଥିଲା ତା'ହେଲେ ସମସ୍ତଙ୍କ ଘରେ ମାଛ ଓ ମାଂସ ତରକାରୀ ହେଉଥିଲା । ସେତେବେଳେ ଗାଁରେ ଛେଳି ମରା ହେଉଥିଲା ଓ ଲୋକମାନେ ମାଂସ ଭାଗକରି ତାଳପତ୍ରରେ ନେଇଯାଉଥିଲେ । ରଜ ସମୟରେ ବେଳେବେଳେ ପାଇକା ନଦୀରେ ବନ୍ୟା ପାଣି ମଧ୍ୟ ଆସୁଥିଲା । ପାଇକା ନଦୀରୁ ମାଛ ଧରିବାର ଆନନ୍ଦ ନିଆରା ଥିଲା । ଏମିତି ଏମିତି ଖରାଛୁଟି ଓ ରଜ ମାମୁଘରେ ସରିଯାଉଥିଲା ।

ଏବେ ଫେରିବା ମକରଯାତ୍ରାକୁ । ଅର୍ଦ୍ଧବାର୍ଷିକ ପରୀକ୍ଷା ଡିସେମ୍ବର ମାସରେ ସରିଗଲେ ଯେଉଁ ଛୁଟି ହୁଏ ତାକୁ ଆମ ଗାଁ ଗହଳିରେ ଧାନକଟା ଛୁଟି କୁହାଯାଏ । ସରକାରୀ ଭାଷାରେ ତାକୁ ଖ୍ରୀଷ୍ଟମାସ ଛୁଟି କୁହାଯାଏ । ମକରଯାତ୍ରା ବେଳକୁ ପ୍ରବଳ ଶୀତ ହୁଏ । କିନ୍ତୁ ଯାତ୍ରା ପେଣ୍ଡାଲ ଭିଡ଼ ପାଖରେ ଶୀତ ଜଣା ପଡ଼ି ନଥାଏ । ଯାତ୍ରା ନ ସରୁଣୁ ପାହାନ୍ତିଆରେ ଆସି ବରକୋଳି ଓ ତେନ୍ତୁଳି ଗୋଟାଇବା ଥିଲା ନିଆରା ଅନୁଭୂତି । ସେତେବେଳେ ପାଇକା ନଦୀ ପଠା ଓ ପାଖ ବିଲରେ ଆଳୁ, ଟମାଟର, କୋବି, ଧଣିଆପତ୍ର, କୋଳଥ, ସୋରିଷ, ବିରି ଓ ମୁଗ ପ୍ରଚୁର ମାତ୍ରାରେ ଚାଷ ହେଉଥିଲା । କାହାକୁ ଥରେ ପରିବା ମାଗିଲେ ସେ ଯେତିକି ପରିବା ଦେଉଥିଲା ସେଥିରେ ଦୁଇ କିମ୍ବା ତିନି ଦିନର ରୋଷେଇ ହୋଇଯାଉଥିଲା ।

ସମୟର କ୍ରୂର ଚକତଳେ ଏବଂ ଜୀବନ ଜୀବିକାର ପଶାପାଳି ଭିତରେ ମଣିଷ ଏମିତି ଫସି ଯାଏ ଯେ ସେ ତାର ପୁରୁଣା ସ୍ମୃତିକୁ ପାସୋରି ଯିବାକୁ ବାଧ୍ୟ ହୋଇଥାଏ । ବାହାରେ ରହି ପାଠ ପଢ଼ିବା ଓ ଚାକିରି କରିବା ପରେ ଖୁବ୍ କମ୍ ସମୟ ମିଳେ ମାମୁଘରକୁ ଯିବା ପାଇଁ । ତା'ଛଡ଼ା ଅଜା ଓ ଆଈଙ୍କ ଦେହାନ୍ତ ପରେ ଏବଂ ମାମୁ, ମାଇଁ ଓ ତାଙ୍କ ପିଲାମାନେ ବାହାରେ ରହିବା ନିଷ୍ପତ୍ତି ନେବାପରେ ମାମୁଘରକୁ ଯିବା ଆହୁରି ମଧ୍ୟ କମିଯାଏ । ଏହାଭିତରେ ପାଇକା ନଦୀରେ ଅନେକ ପାଣି ବହିଯାଇଛି । ସମୟର ତାଳେ ତାଳେ ମାମୁଘର ଗାଁର ଚିତ୍ର ତ ବଦଳିଛି କିନ୍ତୁ ସେଭଳି ଆଖି ଦୃଶିଆ ବିକାଶ ହୋଇପାରି ନାହିଁ । ୧୯୯୦ ମସିହାରେ ଲୋକମାନେ କହୁଥିଲେ ତାରପୁର ଠାରେ ମହାନଦୀ ଉପରେ ପୋଲ ହୋଇଗଲେ ସର୍ବସାଧାରଣ ଯିବା ଆସିବା ପାଇଁ ଗାଡ଼ି ମଟର ଚାଲିବ ଏବଂ ପାଇକା-ଚିତ୍ରୋପ୍ଳା ଦ୍ୱିପାଞ୍ଚଳ ଲୋକମାନଙ୍କର ଭାଗ୍ୟ ଖୋଲିବ । ପୋଲ ହୋଇଛି । କିନ୍ତୁ ଭାଗ୍ୟ ଖୋଲିବା ଏବେ ମଧ୍ୟ ସାତସପନ ହୋଇ ରହିଯାଇଛି । ଯେଉଁମାନେ ବାହାରେ ରହି ଚାକିରି ଓ ବ୍ୟବସାୟ କଲେ ସେମାନେ ଆଉ ଲଙ୍କପଡ଼ା ଗାଁକୁ ଫେରିବାକୁ ଇଚ୍ଛା କରୁନାହାନ୍ତି । ବର୍ତ୍ତମାନ ସମୟରେ ହାତ ଗଣତି କେତେକ ପିଲା ଏବଂ ମୁରବୀତୁଲ୍ୟ ବରିଷ୍ଠ ନାଗରିକମାନଙ୍କୁ ଛାଡ଼ିଦେଲେ ଆଉ ବିଶେଷ ଶିକ୍ଷିତ ଲୋକମାନେ କେହି ମାମୁଘର ଗାଁରେ ରହୁ ନାହାନ୍ତି । କିନ୍ତୁ ସମୟ ଆସିବ, ମୋର ଆଶା, ମୋ ମାମୁଘର ଗାଁ ଲଙ୍କାପଡ଼ା ପୁଣି ହସି ଉଠିବ । ମାମୁଘର ଗାଁ ଲଙ୍କାପଡ଼ାର ସମସ୍ତ ଗୁରୁଜନ ମାନଙ୍କୁ ମୋର ଭକ୍ତିପୂତ ପ୍ରଣାମ ଜଣାଇ ମୋର ମାମୁଘର ଅନୁଭୂତିକୁ ଏହିଠାରେ ସମାପ୍ତ କରୁଛି ।

*ଗୁଲନଗର, କେନ୍ଦ୍ରାପଡ଼ା*

✦✦✦



# ଶିକ୍ଷାର ପରିଭାଷା


**ସୋହେଲ ଅଜିଜ**

**ଯେଉଁ ଶିକ୍ଷା ଭୂଲ-ଠିକ୍, ବାସ୍ତବ- ଅବାସ୍ତବ ନିର୍ଣ୍ଣୟର ବିଚାର କ୍ଷମତା ଦିଏ ନାହିଁ ତାହା ଶିକ୍ଷା ନୁହେଁ।**

ମାତୃଗର୍ଭରୁ ଧରା ପୃଷ୍ଠକୁ ଆସିବା ପରଠାରୁ ମୃତ୍ୟୁ ଯାଏଁ ଆବାଳ-ବୃଦ୍ଧ-ବନିତା ଯାହା ସାହାଯ୍ୟରେ ସଂସାରରେ ଜୀବନଯାପନ କରନ୍ତି, ତାହାର ନାମ ଶିକ୍ଷା। ଶିକ୍ଷା ବିନା ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱର ପରିକଳ୍ପନା ଅସମ୍ଭବ। ଶିକ୍ଷା ରୂପକ ସାଧନାକୁ ଜୀବନରେ ଅଭ୍ୟାସ ନ କଲେ କେହି ହେଲେ ପରିପକ୍ୱ ହୋଇପାରିବେ ନାହିଁ। ଶିକ୍ଷା ହିଁ ଏକ ମାତ୍ର ପ୍ରଦୀପ ଯାହା ଘନ ଅନ୍ଧକାରରେ ମଣିଷକୁ ରାସ୍ତା ଦେଖାଏ। ଶିକ୍ଷା ହିଁ ସଫଳତା ପ୍ରାପ୍ତିର ମାର୍ଗ ଓ ମାର୍ଗରେ ଚାଲିବା ପାଇଁ ସାଧନ। ବିନା ଶିକ୍ଷାରେ ସଫଳତା ପାଇବାର ଆଶା ପୋଷଣ କରିବା ମୂଲ୍ୟହୀନ। ଶିକ୍ଷା ମନକୁ ସୁସ୍ଥ ଓ ସୁନ୍ଦର କରେ। ଶିକ୍ଷା ମାଧ୍ୟମରେ ବ୍ୟକ୍ତି ଜୀବନରେ ସଂସ୍କାରର ବୀଜବପନ ହୁଏ। ଶିକ୍ଷା କେବଳ ବ୍ୟକ୍ତି ଜୀବନରେ ରୂପାନ୍ତର ଆଣେ ନାହିଁ, ଶିକ୍ଷା ଦ୍ୱାରା ସମାଜ, ରାଷ୍ଟ୍ର ଓ ବିଶ୍ୱରେ ରୂପାନ୍ତରଣ ଅଣାଯାଇପାରେ।

ଶିକ୍ଷାର ଆରମ୍ଭ କେବେ ହୁଏ ? ଶିକ୍ଷା ମାତୃଗର୍ଭରୁ ଆରମ୍ଭ ହୋଇଯାଇଥାଏ। ଆଧୁନିକ ବିଜ୍ଞାନ ଏହାକୁ ସ୍ୱୀକାର କରୁଥିବାବେଳେ ଏହାର ଅନେକ ଉଦାହରଣ ପ୍ରାଚୀନ ପୌରାଣିକ ଉପାଖ୍ୟାନରେ ଦୃଶ୍ୟମାନ ହୁଏ। ଅଷ୍ଟାବକ୍ର ମୁନିଙ୍କର ଜ୍ଞାନ ପ୍ରାପ୍ତି, ଅଭିମନ୍ୟୁଙ୍କର ଯୁଦ୍ଧ ଶିକ୍ଷା, ଶୁକମୁନିଙ୍କ ବୈରାଗ୍ୟପ୍ରାପ୍ତି ଆଦି ଏହାର ପ୍ରତ୍ୟକ୍ଷ ପ୍ରମାଣ। ପାରମ୍ପରିକ ଶିକ୍ଷା ନିର୍ଦ୍ଦିଷ୍ଟ ସମୟରେ ସମାପ୍ତ ହେଉଥିଲେ ମଧ୍ୟ ଏହା ଅସରନ୍ତି। ଶ୍ମଶାନରେ ଜଳି ଭସ୍ମ ହେବା ପର୍ଯ୍ୟନ୍ତ ଏହି ଶିକ୍ଷା ମଣିଷ ସହିତ ବନ୍ଧୁ ହୋଇ ରହିଥାଏ। ଜୀବନର ପ୍ରତିଟି କ୍ଷଣରେ କିଛି ନା କିଛି ଶିକ୍ଷା ମିଳିଥାଏ।

ପିତା-ମାତା, ଗୁରୁଜନଙ୍କଠାରୁ ଆରମ୍ଭ କରି ସମଗ୍ର ବିଶ୍ୱ ଆମକୁ ଶିକ୍ଷା ପ୍ରଦାନ ପାଇଁ ଈଶ୍ୱରଙ୍କ ଦ୍ୱାରା ନିୟୋଜିତ ହୋଇଛନ୍ତି। ପ୍ରାଚୀନ କାଳରେ ଗୁରୁକୂଳରେ ଶିକ୍ଷାଦାନ ହେଉଥିଲା। ଗୁରୁକୂଳ ଶିକ୍ଷା ଏକ ଉନ୍ନତ ଶିକ୍ଷା ବ୍ୟବସ୍ଥାର ମନ୍ଦିର ଥିଲା। ସେଠାରେ ଶିଷ୍ୟମାନେ ଶାସ୍ତ୍ରବିଦ୍ୟା ସହ ଯୁଦ୍ଧବିଦ୍ୟା ଓ ଜୀବନଯାପନ ପାଇଁ ଉପଯୋଗୀ ବୈଷୟିକ ଶିକ୍ଷା ମଧ୍ୟ ଲାଭ କରୁଥିଲେ। କିନ୍ତୁ ତଥାକଥିତ ଆଧୁନିକ ସମାଜରେ ସେହି ଶିକ୍ଷା ବ୍ୟବସ୍ଥା ପ୍ରାୟତଃ ବିଲୁପ୍ତ ହୋଇଗଲା। ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଛାତ୍ରମାନେ ଏକ ସମୟରେ ସବୁ ଶିକ୍ଷା ଲାଭ ନ କରି ନିଜ ଇଚ୍ଛା ଅନୁସାରେ ବିଭିନ୍ନ ସ୍ତରରେ ଏହି ସବୁ ଶିକ୍ଷା ଲାଭ କରୁଛନ୍ତି। କିନ୍ତୁ ଶିକ୍ଷା କେବଳ ବିଦ୍ୟାଳୟରେ ସୀମିତ ନୁହେଁ। ଶିକ୍ଷା ଅପରିସୀମ। ଏହି ବିଶ୍ୱ ହିଁ ଶିକ୍ଷାର ପ୍ରକୃଷ୍ଟ ବିଦ୍ୟାଳୟ ଯେଉଁଠାରେ ଆମେ ଶିକ୍ଷା ଗ୍ରହଣ କରିବା ସହ ତାହାର ପ୍ରୟୋଗ ମଧ୍ୟ କରିଥାଉ। ଶିକ୍ଷା କେବଳ ଉପାଧି ପତ୍ର ପ୍ରାପ୍ତିର ସାଧନ ବୋଲି ଭାବିବା ଠିକ୍ ନୁହେଁ। ଶିକ୍ଷା ହେଉଛି ଏହି ଜୀବନକାଳରେ ବିଭିନ୍ନ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ଆମ ଭିତରେ ସାହସ ଦେବାର ଉତ୍ସ ଓ ଜୀବନକୁ ସୁଚାରୁ ରୂପରେ ଉନ୍ନତି ବା ବିକାଶ ପଥରେ ନେବାର ସାଧନ। ସ୍ୱାମୀ ବିବେକାନନ୍ଦଙ୍କ ମତରେ, ଶିକ୍ଷା ଯଦି ଆମକୁ ଆଗକୁ ଅଗ୍ରସର ହେବାକୁ ସାହାଯ୍ୟ ନ କରି ମସ୍ତିଷ୍କରେ ନାନା ପ୍ରକାର ଉପଦ୍ରବ ସୃଷ୍ଟି କରୁଥାଏ, ତାହା ଶିକ୍ଷା ନୁହେଁ। ନିଜ ଜୀବନକୁ ଅନ୍ୟମାନଙ୍କ ପାଇଁ ଆଦର୍ଶ ରୂପରେ ଗଢ଼ି ତୋଳିବାର ସାଧନ ହେଉଛି ଶିକ୍ଷା।




ଯେଉଁ ଶିକ୍ଷା ଭୁଲ-ଠିକ୍, ବାସ୍ତବ-ଅବାସ୍ତବ ନିର୍ଣ୍ଣୟର ବିଚାର କ୍ଷମତା ଦିଏ ନାହିଁ ତାହା ଶିକ୍ଷା ନୁହେଁ। ଯେଉଁ ଶିକ୍ଷା ମନରେ ଗୁରୁଜନଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ନ ଦେବ ତାହାକୁ କ'ଣ ଶିକ୍ଷା କହିପାରିବା ? ତାହା ଶିକ୍ଷା ପଦବାଚ୍ୟ ନୁହେଁ ଯାହା ପିତାମାତାଙ୍କୁ ବୃଦ୍ଧକାଳରେ ଏକାକୀ ରହିବାକୁ ବାଧ କରାଏ। ଯେଉଁ ଶିକ୍ଷା ଭକ୍ତି, ବିନମ୍ରତା, ସରଳତା ନ ଦେଲା ତାହା ଶିକ୍ଷା ନୁହେଁ। ଯେଉଁ ଶିକ୍ଷା ମଣିଷ ମନରେ ପରମାନନ୍ଦ ଭରି ନ ଦେଲା, ସେ ଶିକ୍ଷାର କି ପ୍ରୟୋଜନ ? ଯେଉଁ ଶିକ୍ଷା ଜିଜ୍ଞାସୁ ମନୋଭାବ ଜନ୍ମ କରିପାରେ ନାହିଁ ତାହାକୁ ଆମେ ଶିକ୍ଷା ବୋଲି କହିପାରିବା ନାହିଁ। ଯେଉଁ ଶିକ୍ଷାରେ ଜୀବେ ଦୟା ଭାବ ନାହିଁ ତାହା କ'ଣ ଶିକ୍ଷା ? ସେହି ଶିକ୍ଷା ଶିକ୍ଷା ନୁହେଁ ଯାହା ଦୁଃଖୀଙ୍କୁ ଦେଖି ମନରେ କରୁଣା ଜାତ କରାଇପାରେ ନାହିଁ। ଶହ ଶହ ପୁସ୍ତକ ମୁଖସ୍ଥ କରି ଜଣେ ଶିକ୍ଷା ଲାଭ କରିଛି କହିବା ସବୁବେଳେ ସଙ୍ଗତ ନୁହେଁ। ପ୍ରକୃତ ଶିକ୍ଷା ମଣିଷକୁ ନମ୍ର କରାଏ, ସରଳ କରାଏ। ବ୍ୟକ୍ତି ଜୀବନରେ ସେବକର ଭାବନା ଭରିଦିଏ। ସମସ୍ତଙ୍କୁ ଭଲ ପାଇବା ଶିଖାଏ। ଅହିଂସା ଶିଖାଏ। ବିବେକକୁ ଜୀବିତ ରଖେ। ମନକୁ ନିର୍ମଳ କରେ। ଜୀବନକୁ ପରିପକ୍ୱ କରେ। ମାନବିକତାର ପରିପ୍ରକାଶ କରାଏ। ମଣିଷକୁ ଦେବତ୍ୱ ଆଡ଼କୁ ଯିବା ପାଇଁ ପଥ ପ୍ରଦର୍ଶନ କରେ। ବିଦ୍ୟାଳୟ ଶିକ୍ଷା ସରିଗଲେ ଶିକ୍ଷାର ପରିସମାପ୍ତି ହୁଏ ନାହିଁ। ପ୍ରାପ୍ତ ଶିକ୍ଷାକୁ ଜୀବନରେ ଉପଯୋଗ କରି ଅଭିଜ୍ଞତାରୁ ନୂତନ ଶିକ୍ଷା ଗ୍ରହଣ କରିବା ଉଚିତ୍। ଜୀବନରେ କେବଳ ବିଦ୍ୟାଳୟ ଶିକ୍ଷା ପର୍ଯ୍ୟାପ୍ତ ନୁହେଁ। ଆତ୍ମୋନ୍ନତି ପାଇଁ ଆଧ୍ୟାତ୍ମିକ ଶିକ୍ଷାର ମଧ୍ୟ ଆବଶ୍ୟକତା ରହିଛି। ଆଧୁନିକ ଶିକ୍ଷା ପଦ୍ଧତିରେ ନୈତିକ ଶିକ୍ଷା ସହିତ ଆଧ୍ୟାତ୍ମିକ ଶିକ୍ଷାର ଅଭାବ ଯୋଗୁଁ ଦେଶର ଯଥୋଚିତ ବିକାଶ ହୋଇପାରୁନାହିଁ। ତେଣୁ ନିଜ ନିଜ ବ୍ୟକ୍ତିଗତ କ୍ଷେତ୍ରରେ ଏହି ଶିକ୍ଷା କେମିତି ବାଲ୍ୟକାଳରୁ ଶିଶୁମାନଙ୍କୁ ଦିଆଯାଇପାରିବ, ପ୍ରତ୍ୟେକ ପିତାମାତା ସେ ଦିଗରେ ଚେଷ୍ଟିତ ହେବା ଉଚିତ୍। ମହାପୁରୁଷଙ୍କ ମତରେ, 'ମୁଁ କିଏ ?'- ଏହାର ଉତ୍ତର ଖୋଜି ସେହି ସତ୍ୟରେ ଅବସ୍ଥାପିତ ହେବା ହିଁ ପ୍ରକୃତ ଶିକ୍ଷା। ତେଣୁ ଶୈଶବ ଅବସ୍ଥାରୁ ଶିଶୁକୁ ଏହି ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ଶିକ୍ଷା ପ୍ରଦାନ କରିବା ଆବଶ୍ୟକ। ଯଦି ବ୍ୟକ୍ତି ନିଜକୁ ଜାଣିପାରିବ, ତେବେ ସେ ନିଶ୍ଚିତ ଭାବରେ ନିଜର କ୍ଷମତାକୁ ଅନୁଭବ କରିପାରିବ। ନିଜ କ୍ଷମତାର ଅନୁଭବ ହେଲେ ସେ ଦେଶର ପ୍ରଗତି କ୍ଷେତ୍ରରେ ନିଜକୁ ନିୟୋଜିତ କରିବାକୁ ଅସମର୍ଥ ମନେ କରିବ ନାହିଁ।

ଶିକ୍ଷା ଗ୍ରହଣ ଏକ ଚିରନ୍ତନ ପ୍ରକ୍ରିୟା। ଶିକ୍ଷା ବିନା ମଣିଷ ହେବା ସହଜ ନୁହେଁ। ସେହି ଶିକ୍ଷା ଗୁରୁଙ୍କ ବିନା ଅସମ୍ଭବ। ତେଣୁ ଜୀବନରେ ପ୍ରକୃତ ଶିକ୍ଷା ଲାଭ ପାଇଁ ଜିଜ୍ଞାସୁ ବ୍ୟକ୍ତି ଗୁରୁଜନଙ୍କ ପ୍ରତି ଆସ୍ଥା ରଖି ତାଙ୍କ ଶିକ୍ଷାକୁ ଜୀବନରେ ଉପଯୋଗ କରି ଉନ୍ନତି ପଥରେ ଅଗ୍ରସର ହେବା ଉଚିତ୍ । ସମୟର ସଦୁପଯୋଗ ବିନା ମଧ୍ୟ ଶିକ୍ଷା ଲାଭ ଭଲ ଭାବରେ ହୁଏ ନାହିଁ। ତେଣୁ ସମୟର ମୂଲ୍ୟ ମଧ୍ୟ ବୁଝିବାକୁ ହେବ। ପ୍ରକୃତିକୁ ବିଦ୍ୟାଳୟ ରୂପେ ଗ୍ରହଣ କରି ଅଧିକରୁ ଅଧିକ ଜ୍ଞାନ ଆହରଣ କରିବା ଉଚିତ୍। ନିଜର ଭୁଲକୁ ଅଭିଜ୍ଞତା ଭାବରେ ବ୍ୟବହାର କରି ନିଜର ସର୍ବାଙ୍ଗୀନ ଉନ୍ନତି ସାଧନରେ ଚେଷ୍ଟିତ ହେବା ଉଚିତ୍ । ଶିକ୍ଷାର ସମୁଚିତ ଉପଯୋଗ କରି ନିଜର ତଥା ଦେଶର ପ୍ରଗତିରେ ସାମିଲ୍ ହେବା ଆବଶ୍ୟକ। ଏଥିପାଇଁ ସମସ୍ତେ ମିଳିତ ଭାବରେ ଶିକ୍ଷାର ମାନଦଣ୍ଡକୁ ଉନ୍ନତ କରିବା ପାଇଁ ପ୍ରୟାସ କରିବା ଦରକାର।

*କିରାଣୀ*
*ରାଏସର ଖରିଶାଣ ସରକାରୀ ଉଚ୍ଚବିଦ୍ୟାଳୟ*
*ରାଏସର, କେନ୍ଦ୍ରାପଡ଼ା*
*ମୋ - ୯୯୩୮୧୫୬୫୧୫*

✦✦✦



# ଭାଗବଣ୍ଟାରେ ମାଆ

ଭଗବାନ ସାମଲ

**ସାନପୁଅ ସଙ୍ଗାତଘର ଦାଣ୍ଡ ପିଣ୍ଡାରେ ମାଆ କାଟେ ବର୍ଷକର ଚାରିମାସ।**

ବୈଶାଖର ଝାଞ୍ଜି ଖରା। ମୁଣ୍ଡ ଉପରେ ନିଆଁ ବର୍ଷୁଛି। ଏମିତି ଏକ ଖରାବେଳରେ ଗାଁ ମୁଣ୍ଡ ଗଛ ଛାଇରେ ବୁଢ଼ୀଟିଏ ବସି ଥକ୍କା ମେଣ୍ଟାଉଛି। ପାଖରେ ଲୁଗାର ଗୋଟେ ଛୋଟ ପୁଟୁଳି। ହାତ ପାଖରେ ଥୁଆ ହୋଇଛି ବାଡିଟି। ଏମିତି ଏକ ଚିତ୍ରଟି ଦେଖି ମୁଁ ମଟରସାଇକେଲ୍ ଅଟକାଇଲି। ପାଖକୁ ଯାଇ ପଚାରିଲି, ଏ ଖରାବେଳଟାରେ କୁଆଡ଼େ ଯାଉଛ ମାଉସୀ ?

'ପୁଅଘରକୁ'। ସଂକ୍ଷିପ୍ତ ଉତ୍ତର ଦେଲା ବୁଢ଼ୀଟି।

ପୁଅଘରକୁ!! କୋଉଠୁ ଆସିଲୁ କି ? ପୁଣି ପ୍ରଶ୍ନ କଲି, ବୁଢ଼ୀ ମାଉସୀକୁ। ବଡ଼ପୁଅ ଘରୁ ଆସିଲି, ମଝିଆଁ ପୁଅ ଘରକୁ ଯାଉଛି, କହିଲା ମାଉସୀ। କଥାଟା ମୋତେ ଅଡୁଆ ଅଡୁଆ ଲାଗିଲା। ସନ୍ଦେହ ମୋଚନ ପାଇଁ ପଚାରିଲି, "କ'ଣ ଦିପୁଅ ଏକାଠି ରହୁନାହାନ୍ତି କି ?"

ନାଇଁରେ ପୁଅ। ବଡ଼ ରହୁଛି ଆମ ଡ଼ିହରେ। ମଝିଆଟା ଆର ଗାଁରେ ତା ଶ୍ୱଶୁର ଘର ପାଖରେ ରହୁଛି; ସେଇଠି ଜମିକିଣି ଘର କରିଛି।

ଆଉ ସାନ ? ମୋ ପାଟିରୁ ଆପେ ଆପେ ବାହାରି ଆସିଲା। ବଡ଼, ମଝିଆଁ କହିସାରିଲାଣି ମାଉସୀ। ତା ଅର୍ଥ ସାନ ବି ନିଶ୍ଚେ ଅଛି। ସାନଟାର ମିଲିଟାରୀ ଚାକିରି। ତା ପିଲାଛୁଆଙ୍କୁ ଧରି ସେ ସିଆଡ଼େ। ବର୍ଷେ ଦି ବର୍ଷରେ ମନେ ପଡିଲେ ଗାଁ ଆଡ଼େ ବୁଲି ଆସେ। ତା'ଭାଗ ଜମିବାଡ଼ି କଥା ବୁଝିଯାଏ।

ହେଲେ ମାଉସୀ ତମେ ତ କହିଲ ତିନିପୁଅ। ହେଲେ ତମେ ଏ ଧୁ ଧୁ ଖରାଟାରେ ମଝିଆଁ ଘରକୁ କାହିଁକି ଯାଉଛ ? ଯେଉଁଠି ଥିଲ, ସେଇଠି ରହିଗଲନି ?

କେମିତି ରହିବିରେ ବାପା! ଆଜିଠାରୁ ପରା ମଝିଆଁର ପାଳି ଆରମ୍ଭ। ତା' ପାଳିରେ ବଡ଼ ଘରେ କେମିତି ରହିବି ନା ବୋହୂ ମତେ ରଖେଇ ଦେବ ? ହଠାତ୍ ମୋ ମୁଣ୍ଡରେ କଥାଟା ଢୁକିଲା ନାହିଁ। ତେଣୁ ଖୋଳେଇ ତାଡ଼େଇ ବୁଢ଼ୀଠୁ ବୁଝିବାକୁ ଯାଇ ଜାଣିଲି, ମାଉସୀର ତିନିପୁଅ। ତେଣୁ ବୁଢ଼ୀ ମାଆକୁ ବାଣ୍ଟି ଦେଇଛନ୍ତି ମାସେ ମାସେ ଲେଖାଏଁ। ମାସ ସରିଗଲେ କେହି ବୁଢ଼ୀମାଆକୁ ଆଉ ଓଳିଏ ଅଧିକା ଖାଇବାକୁ ଦେବାକୁ ନାରାଜ।

ମୁଁ ହତ୍‌ବାକ ହେଇଗଲି ଶୁଣି ଏହି କଥା। ପୁଣି ପଚାରିଲି- 'ଆଚ୍ଛା! ମାଉସୀ ସାନପୁଅ ପାଳିରେ କେମିତି ଚଳୁଛ ?'





ସାନପୁଅ ସେ ମାସ ପାଇଁ ତା ସଙ୍ଗାତ ପାଖକୁ ପଇସା ପଠାଇ ଦିଏ। ସେଇ ସଙ୍ଗାତଘର ଦାଣ୍ଡପିଣ୍ଢାରେ ମୋର ସେଇ ମାସଟା କଟିଯାଏ।

ମୋ ଛାତିରେ ଯେମିତି କିଏ ପାହାରେ ପିଟି ଦେଲା। ସାନପୁଅ ସଙ୍ଗାତଘର ଦାଣ୍ଡ ପିଣ୍ଢାରେ ମାଆ କାଟେ ବର୍ଷକର ଚାରିମାସ। ଅଥଚ ତିନିପୁଅ କେହି ବେରୋଜଗାରିଆ ନୁହଁନ୍ତି। ଜଣେ ଚାହିଁଥିଲେ ମାଆକୁ ଜୀବନସାରା ଚଳାଇ ପାରିଥାଆନ୍ତା। ହେଲେ ମାଆକୁ ମଣିଷ ନଭାବି ଏକ ବସ୍ତୁ ଭାବିଲେ ପିଲାଏ। ସେଥିପାଇଁ ଭାଗ ଭାଗ କରି ବାଣ୍ଟି ଦେଲେ। କେହି ଭାବିଲେନି ଏଇ ମାଆ ତିନିପୁଅଙ୍କୁ ପିଲାଦିନେ ପାଳିଥିଲା ବେଳେ କେବେ କ'ଣ ସ୍ନେହ ମମତା ବାଣ୍ଟି କରି ଦେଇଛି!! ଅଥଚ ସେଇ ମାଆଙ୍କୁ ଏମାନେ ଭାଗବାଣ୍ଟି ଦେଇଛନ୍ତି।

ଆଉ ଆଗକୁ ଭାବି ପାରିଲିନି। ମୋ ଗାଡି ଡିକିରେ ଥିବା ପାଣି ବୋତଲ କାଢ଼ି ବୁଢ଼ୀ ମାଉସୀକୁ ପିଇବାକୁ ଦେଲି। ପିଲାମାନଙ୍କ ପାଇଁ ନେଉଥିବା ଫଳ, ବିସ୍କୁଟରୁ କିଛି ତାକୁ ବାଧ କରି ଖୁଆଇଲି। ଗାଡ଼ିରେ ନେଇ ବୁଢ଼ୀ ମାଉସୀକୁ ପୁଅ ଘରେ ଛାଡ଼ିଦେଇ ଆସିବାକୁ କହିଲାରୁ ମାଉସୀ ମନା କଲା । କାହିଁକି- କେଜାଣି ଜାଣେନା। ଏମିତି ଜଣେ ଯୋଗ୍ୟପୁଅକୁ ଦେଖିବା ମୋ ଭାଗ୍ୟରେ ନଥିଲା!!!

ବାଟଯାକ ଭାବୁଥିଲି- କ'ଣ ହୋଇଗଲା ଆମ ସମାଜ!! କେମିତି ତଳକୁ ଖସିଗଲା ଆମର ମଣିଷପଣିଆ!!

*ନରଡ଼ା, କେନ୍ଦ୍ରାପଡ଼ା*

# ଆମେ ପଢ଼ାଇବୁ ଆମକୁ

ଯଦୁନାଥ ସାହୁ

**କୁଟୁ ଚାହିଁଲା ବୁଟୁ ମୁହଁକୁ, ଘରେତ ଆମର ଜଳୁନି ଚୁଲୀ**
**ଦୁଃଖ କହିବା ଆମେ କାହାକୁ ।**

କୁଟୁ ବୁଟୁ ହେଲେ ଦୁଇ ଭାଇ
ରାତି ପାହିଗଲେ ଚାଟଶାଳୀ ଯିବେ
ହାତରେ ଧରି ବସ୍ତାନି ବହି ॥

ରାତିରେ ନିଦ ଜମାରୁ ନାହିଁ
ଭଲ ପାଠପଢ଼ି, ଭଲ ଲୋକ ହେବେ
କାମ କରିଯିବେ ଦେଶର ପାଇଁ ॥

ଦୁହିଁଙ୍କ ବାପା ସଛି ମଉସା
ମୁଲ ମଜୁରିଆ, ଅଭାବି ଗରିବ
ଚାଷ ଅଟଇ ତାଙ୍କ ବେଉସା ॥

କୁଟୁବୁଟୁଙ୍କ ଗୁରୁଜୀ ଯିଏ
ହରିଆ ମାଷ୍ଟରେ ଅତି କୃପଣ
ଧନୀ ହେବାକୁ ବିକଳ ପ୍ରାଏ ॥

କୁଟୁବୁଟୁଙ୍କ ପଢ଼ା ଚାଲିଲା
ଗୁରୁଜୀ ମାଗିଲେ ଦରମା ଟା କାହିଁ,
ଆଜି ତିରିଶ ମାସ ପୁରିଲା ?

ଗୁରୁଜୀ ଆଉ ବେତ ତାଙ୍କର
କହିଲେ ଗୋଟିଏ ସ୍ୱରରେ
ଦରମା ନଦେଲେ,
ଘରେ ରହିବ ତୁମେ ତୁମର ॥

କୁଟୁ ଚାହିଁଲା ବୁଟୁ ମୁହଁକୁ
ଘରେତ ଆମର ଜଳୁନି ଚୁଲୀ
ଦୁଃଖ କହିବା ଆମେ କାହାକୁ ॥


ବୁଟୁ କହିଲା କୁଟୁ ଭାଇକୁ
ବିଲ ଚାଷ କରି ମଜୁରୀ ଖଟିବା
ନିଆଁ ଲାଗିଯାଉ ପାଠ ପଢ଼ାକୁ ॥

ବୁଝାଏ କୁଟୁ ସାନ ଭାଇକୁ
ପଚାରି ବୁଝିବା ଭାଇ ଦିଦିଙ୍କ ଠୁ,
ପାଠପଢ଼ାଇବା ଆମେ ଆମକୁ ॥

ଭଲ ପଢ଼ିବା ମଣିଷ ହେବା
ଆଣିବା ଦେଶରେ ନୂଆ ପରଗତି
ଆମ କରାମତି ଦେଖାଇ ଦେବା ॥

*ସିହା, ଯାଜପୁର, ମୋ:୯୬୫୮୬୭୨୧୨*

✦✦✦



# ଆଉ କେତେ ଦିନ

**ବୈଦନାଥ ବାରିକ**


> **ରକ୍ତ ଶୋଷୁଥିବା ଜୋକ ମୁହଁରେ ଲୁଣ ଦେଇ**
> **ହକ୍ ମାଗିବାର କଣ ସମୟ ଆସିନି ?**


ଆଉ କେତେ ଦିନ,
ଅନ୍ଧାର ଘରେ ବସି,
ଆଲୁଅ.....ଆଲୁଅ.....ଚିତ୍କାର କରିବ;
ପ୍ରଦୀପଟିଏ ଜାଳି ଅନ୍ଧାର ହଟେଇବାର
କ'ଣ ସମୟ ଆସିନି ?
ଆଉ କେତେ ଦିନ,
ଦୁର୍ନୀତିର ଅନ୍ଧ ପୁଟୁଳି ବାନ୍ଧି
ଶୋଇବାର ଅଭିନୟ କରି
ଉନ୍ନତିର ସ୍ୱପ୍ନ ଦେଖିବ;
ନିଦରୁ ଉଠିପଡ଼ି ବାସ୍ତବ ଦୁନିଆରେ,
ଫାଇଲ ଚାଷ ବଦଳରେ
ଫିଲଡ୍ ଚାଷ କରିବାର
କଣ ସମୟ ଆସିନି ?
ଆଉ କେତେ ଦିନ,
ଭୟର ଭଉଁରୀ ଜାଲ ଭିତରେ ରହି
ସାହସ, ସତ୍ୟର ଲମ୍ବା ଚଉଡ଼ା ଭାଷଣଦେବ;
ସତ୍ୟ ଅହିଂସାର ବିପ୍ଳବ ବହ୍ନିରେ
ଝାସ ଦେବାର କଣ ସମୟ ଆସିନି ?

ଆଉ କେତେ ଦିନ,
ଧର୍ମ ନାଆଁରେ ଦଙ୍ଗାର ତାଣ୍ଡବ ଭିଆଇ
ଭାଇ ଭାଇର ଗଳାକାଟି ରକ୍ତର ହୋରି ଖେଳିବ;
ଅଭିନ୍ନ ମତରେ ଏକମତ ହୋଇ
ମାନବ ଧର୍ମ ପ୍ରତିଷ୍ଠାର କଣ ସମୟ ଆସିନି ?
ଆଉ କେତେ ଦିନ,
ଭୋକିଲା ପେଟରେ ଓଦା କନା ପକାଇ
ଅତ୍ୟାଚାରକୁ ନୀରବରେ ସହି
ମାଟିକାମୁଡ଼ି ପଡ଼ିଥିବ;
ରକ୍ତ ଶୋଷୁଥିବା ଜୋକ ମୁହଁରେ ଲୁଣ ଦେଇ
ହକ୍ ମାଗିବାର କଣ ସମୟ ଆସିନି ?
ଆଉ କେତେ ଦିନ,
କୂଟନୀତିର ପଶାଖେଳି
ସୁଇସବ୍ୟାଙ୍କର ଝୁଲା ଭର୍ତ୍ତିକରି
ଭାରତକୁ ବିକାଶଶୀଳ ଦେଶ ଭାବେ ପରିଚିତ କରାଇବା;
ଗାନ୍ଧୀ ପୋଷାକତଳେ ଲୁଚିଥିବା
ଅସତ୍ୟ, ଅଧର୍ମ, ହିଂସାର ସଇତାନଟାକୁ
ବିଚ୍ ରାସ୍ତାରେ ବେଇଜତ୍ କରି
ଭାରତକୁ ବିକଶିତ ଦେଶରେ ପରିଣତ କରିବାର
କଣ ସମୟ ଆସିନି ? ? ?

*କଲିକତା, ୧୯-୪-୨୦୦୩*

✦✦✦





# ସ୍ୱପ୍ନର ଯୁବକ ଟିଏ

ଉମେଶ ନାୟକ

**ସତରେ ସେ ହିରୋ ନା ଭକୁଆ।**

ଯେଉଁ ସପନଟା ଦେଖିବା କଥା ନୁହେଁ ସେ କ'ଣ ପାଇଁ ତାହା ଦେଖୁଛି ? ଏବଂ ଯେଉଁ କଥାଟା ସମ୍ଭବ ନୁହେଁ ସେ କାହିଁକି ଏତେ ନିବିଡ଼ ଭାବରେ ସେକଥା ଭାବୁଛି ? ଗାଁରେ ଯଦି ରାସ୍ତା ବା ଗଡ଼ିଆ ସଫେଇ ସେ କରେ ସଭିଏଁ କୁହନ୍ତି ସେ କାଳେ ଭକୁଆ। ହଜି ଯାଇଥିବା ଟଙ୍କା ମୁଣିଟି ଯଦି ସେ ପାଇଲା ଓ ସେହି ଟଙ୍କା ମୁଣିଟି ଯାହାର ତାକୁ ପଚାରି ପଚାରି ଫେରାଇ ଦେଲା ତେବେ ଗୁରୁଜନ ଓ ସାଙ୍ଗସାଥୀମାନେ କହିବେ ସେ କାଳେ ସତରେ ହୁଣ୍ଡାଟା। ମଦ ବନ୍ଦ ହେବା ଦରକାର, କୁନି ପିଲାମାନଙ୍କୁ ଏହା ବୁଝାଇ ସକାଳୁ ସକାଳୁ ତ୍ରିରଙ୍ଗା ପତାକା ଧରି ପ୍ରଭାତ ଫେରି କରିଲେ ବନ୍ଧୁମାନେ କୁହନ୍ତି ପୁଅ ଆମର ବାୟା ହୋଇଗଲାଣି। ପାଠ ପଢ଼ିସାରି ଚାକିରୀ ନ କରି ଗାଁରେ ରହି କିଛି ଗୋଟେ ଧନ୍ଦା ବା ଗାଈ ପାଳନ କରିଲେ ବାପା କୁହନ୍ତି ପୁଅ ମୁଣ୍ଡରେ ଭୂତ ପଶିଲାଣି। ଡିଜେ ଗାଡିଟା ଗାଁ ଗାଁ ଶବ୍ଦ କଲେ ଲାଗେ ପରିବେଶ ଯେମିତି କାନ୍ଦୁଛି। ସେହି ଗାଡ଼ି ଆଗରେ ପବନା ଭୂତ ଭଳିଆ ସାଙ୍ଗସାଥୀମାନେ ଆନନ୍ଦରେ ନାଚନ୍ତି। ସେ ନ ନାଚିଲେ ସେମାନେ କୁହନ୍ତି କେମିତିକା ସାଙ୍ଗ ତୁ! ସେ କାଳେ  ଅଲଜ୍ୟା। ଗାଁ ଦାଣ୍ଡ ରାସ୍ତା ବର୍ଷକରେ ଫାଟି ଗଲେ ସେ ସୂଚନା ଅଧିକାର ବଳରେ ତଥ୍ୟ ମାଗୁଥାଏ ବୋଲି ଦଲାଲି କରୁଥିବା ଭାଇଟା ଆସି କହେ ସରକାରୀ ଟଙ୍କା ଆମେ ଖାଇଲେ ତୋର କ'ଣ ଯାଏ। ଦୁର୍ନିତୀ ଦେଖିଲେ ଅନ୍ତର କାନ୍ଦୁଛି। ସବା ଶେଷ ମଣିଷର ହକ୍ ପାଇଁ ସେ ଚିନ୍ତା କରୁଛି। ତା ଭାଇଟା ପାଲ ଘରେ ରହୁଛି। ଅଢ଼େଇ ହଜାର ଟଙ୍କା ଦେଇପାରୁନି ବୋଲି ବିଜୁ ପକ୍କାଘର ପାଇପାରୁନି। ଏ ସବୁ ତାକୁ ଭଲ ଲାଗୁନି। ଗାଁର କପଟିଆ ଲୋକଟା ରାଜନେତା ହୋଇ ଦିନରାତି ଲୁଟୁଛି। ତାକୁ ଭାରି ଖରାପ ଲାଗୁଛି। ଦୁର୍ନୀତି ହେଉଛି, ଭ୍ରଷ୍ଟାଚାର ଚାଲିଛି। ମାଟି ବି କାନ୍ଦୁଛି। ହାତ ପାହାନ୍ତାରେ ଜହ୍ନକୁ ପାଇବି, ପାଖରେ ଦୁଇଟି ହାତ ଥାଇବି ତାକୁ ନ ଧରି ପାରି ସେ କାନ୍ଦୁଛି।

ମଦ ମାଂସ ଟଙ୍କା ନ ଦେଇ ରାଜନୀତିରେ ସତ ସତିକା କଥା କହିଲେ, ଭିକ୍ଷା କରି ରାଜନୀତିରେ କାମ କଲେ, କୋର୍ଟ କାଗଜରେ ସତ୍ୟପାଠକରି ମୁଁ ଦୁର୍ନୀତି କରିବିନି ବୋଲି ଲେଖିଦେଲେବି ଏ ଲୋକ ବୁଝୁନାହାନ୍ତି। ଆଉ ସମସ୍ତେ କୁହନ୍ତି ଏ ଯୁବକଟା ଅର୍ଧ ପାଗଳ।

ତେବେ କୁହନ୍ତୁ କିଏ ଏଠି ହିରୋ ?

ଯିଏ ମଦ ପିଏନି ଜୀବନରେ କେବେ ପିଇବିନି ବୋଲି ସଂକଳ୍ପ ନେଇଛି-ପଲିଥିନ ବ୍ୟବହାର କରେନି, ଡି.ଜେ ଗାଡି ଆଗରେ ନାଚେନି କି ଡି.ଜେ.କୁ ପସନ୍ଦ କରେନି-ଦୁର୍ନୀତିକୁ ହଜମ କରେନି- ପରର ଦୁଃଖ ଦେଖିଲେ କାନ୍ଦିଥାଏ- ସତ୍ୟ ପଥରେ ଯାଇ ହତ୍ୟାର ଧମକ ପାଏ-ଗାଁ ରାସ୍ତା କଡ଼ରେ ଗଛ ଲଗାଏ-ଯୋଗ ପ୍ରାଣାୟମ କରେ-ପ୍ରତିଦିନ ପ୍ରାର୍ଥନା କରେ-ନିଜ ଗୋଡ଼ରେ ଛିଡା ହେବାପାଇଁ ଗୁଜୁରାଟ ଓ ସୁରତ ନ ଯାଇ ଗାଁରେ କିଛି କାମ କରେ-ଗଞ୍ଜା ଷ୍ଟାଇଲ୍ ଚୁଟି ନ କାଟି, ଛିଣ୍ଡା ଜିନ୍ସ ପ୍ୟାଣ୍ଟ ନପିନ୍ଧି ହାତରେ ମୋବାଇଲ ଧରେନି, ସିଏ କେମିତିକା ମଣିଷଟିଏ ହେବ। ସତରେ ସେ ହିରୋ ନା ଭକୁଆ।

✦✦✦

*ବଜ୍ରବାଣ*

# ବନ୍ଧୁ

ରାଧାଗୋବିନ୍ଦ ଲେଙ୍କା

ତୁମେ ଶାନ୍ତି ତୁମେ ଭକ୍ତି ମୋ ପାଇଁ ଗୋ ବନ୍ଧୁ
ତୁମ ବିନା ନାହିଁ ମୁକ୍ତି ଏ ଜୀବନେ ବନ୍ଧୁ ।

ଆସ ଆସ ବନ୍ଧୁ ଆସି ଯାଅ ଗୋ ବନ୍ଧୁ
ମନ ହୃଦୟ ଅନ୍ତର ଡାକେ, ବନ୍ଧୁ, ବନ୍ଧୁ ॥
ତୁମପାଇଁ ମଞ୍ଚଟିଏ ସଜାଇଛି ବନ୍ଧୁ
ସେ ମଞ୍ଚରେ କାମଟିଏ ରଖିଅଛି ବନ୍ଧୁ
ଦିନ ରାତି ସେବା ପାଇଁ ବାଧା ନାହିଁ ବନ୍ଧୁ
ଡର ନାହିଁ ଭୟ ନାହିଁ ଲାଜ ନାହିଁ ବନ୍ଧୁ ॥

ତୁମ ମନ ଖୁସି ପାଇଁ ଝୁରେ ସିନା ବନ୍ଧୁ !
ମୋ ମନ ତୁମ ପାଇଁ ଝୁରୁଛି ଗୋ ବନ୍ଧୁ
ପିଲାମୟ ନଦୀକୂଳ ତୁମ ପାଇଁ ବନ୍ଧୁ
ବନ୍ଧୁମୟ ଏ ସଂସାର ମୋ ପାଇଁ ଗୋ ବନ୍ଧୁ ॥

ତୁମ ପ୍ରେମ ତୁମ ବାର୍ତ୍ତା ମୋ ପାଇଁ ଗୋ ବନ୍ଧୁ
ନିରିଜନ ନିଶବଦ ମୂରଛନା ବନ୍ଧୁ
ତୁମେ ଶାନ୍ତି ତୁମେ ଭକ୍ତି ମୋ ପାଇଁ ଗୋ ବନ୍ଧୁ
ତୁମ ବିନା ନାହିଁ ମୁକ୍ତି ଏ ଜୀବନେ ବନ୍ଧୁ ॥

ବନ୍ଧୁ ପାଖେ ବନ୍ଧା ଅଛି ଏ ଜୀବନ ବନ୍ଧୁ
ମଣିକାଞ୍ଚନର ଭେଟ ଆଜି ହେବ ବନ୍ଧୁ
ହାତ ଜମା ଛାଡିବନି କେବେ ହେଲେ ବନ୍ଧୁ
ଆବେଦନ ରଖ୍ ରାଧା, ଅପେକ୍ଷାରେ ବନ୍ଧୁ ॥
ଆସ ଆସ ବନ୍ଧୁ ଆସି ଯାଅ ଗୋ ବନ୍ଧୁ ...




✦✦✦

# କୋଟିଏରେ ଗୋଟିଏ

ଦେବଯାନୀ ସାହୁ

**ଏ ଦେଶର କୋଟି ମଣିଷ ଭିତରେ**
**କିଏ ବା ସେମିତି ଥିଲା ?**

ଗୋଟିଏ ଜହ୍ନ ଆକାଶରେ ଥାଇ
ଆଲୋକ ଦିଅଇ ଯେତେ ।
ସେମିତି ଆଲୋକ ପାରିବି କି ଦେଇ
ଅଗଣିତ ତାରା ଯେତେ ?
ଗୋଟିଏ ବାପୁଜୀ ଡାକରା ଦେବାରୁ
ଭାରତ ସ୍ୱାଧୀନ ହେଲା ॥

ଏ ଦେଶର କୋଟି ମଣିଷ ଭିତରେ
କିଏ ବା ସେମିତି ଥିଲା ?
ଗୋଟିଏ ଶ୍ରୀରାମ ଗୋଟିଏ ଶ୍ରୀକୃଷ୍ଣ
ଗୋଟିଏ ବୁଦ୍ଧଦେବ ।
ମଣିଷ ଜାତିକୁ ଯାହା ଦେଇ ଗଲେ
ଆଉ କିଏ ତାହା ଦେବ ॥

*ଲୋକନାଥ ମହାବିଦ୍ୟାଳୟ*
*କୋରୁଆ*

✦✦✦

# ମାଆଙ୍କ ଅଫିସ୍


ଜ୍ୟୋତିର୍ମୟୀ ସାହୁ


**ଯେଉଁ ଦିନ ମା ନିଅନ୍ତି ଛୁଟି**
**ଆମର ସେଦିନ ଓଭର ଡିଉଟି ।**

ଆମ ହାଣ୍ଡିଶାଳ ଭାରି ସୁନ୍ଦର
ମାଆଙ୍କର ସେତ ଅଫିସ୍ ଘର ।
ମାଆଙ୍କ ଡିଉଟି ତିନିମିନିଟ୍
ନାହିଁ ରବିବାର ନାହିଁ ତ ଛୁଟି ।
ମାଆ ସବୁବେଳେ ଅତ୍ୟନ୍ତ ବିଜି
କାମ ଲାଗେ ତାଙ୍କୁ ବହୁତ ଇଜି ।
ତାଙ୍କ ନାଲି ପେନ୍ ଅଟେ ଖଡ଼ିକା
କଳା ପେନ୍ ତାଙ୍କ ଡଙ୍କିଟି ଏକା ।
ଫାଇଲ୍ ତାଙ୍କର ହାଣ୍ଡି କଡ଼େଇ
ଚଉକି ତାଙ୍କର ପିଢ଼ା ଚଟେଇ ।
ଭାଇଭଉଣୀ ବାପା ଆମର
ଆମେ ସବୁ ଡେଲିଷ୍ଟାଫ୍ ତାଙ୍କର ।
ଯେଉଁ ଦିନ ମା ନିଅନ୍ତି ଛୁଟି
ଆମର ସେଦିନ ଓଭର ଡିଉଟି ।
ସେଇ ମାଆ ପାଦେ କୋଟି ପ୍ରଣାମ
ତାଙ୍କ ସେବା କରି ହୁଏ ମୁଁ ଧନ୍ୟ ।

*ଲୋକନାଥ ମହାବିଦ୍ୟାଳୟ,*
*କୋରୁଆ*

✦✦✦





# କୁନିଝିଅ ପାଇଁ କଥାଟିଏ

**ପ୍ରଜ୍ଞାପରମିତା ସାହୁ**

> **ଅଫିସ୍ ଫେରନ୍ତା ସମୟକୁ ମୋର**
> **ବସିଥାଉ ଯେ ଅନାଇ**

ଅନେକ ଆଶାର ଝଲକ ନେଇ
ଆସିଅଛୁ ତୁହି
ପରିପୂର୍ଣ୍ଣ ଏ ହୃଦୟ ମୋର
କୁନି ମୁହଁକୁ ତୋର ଚାହିଁ।

ଅଫିସ୍ ଫେରନ୍ତା ସମୟକୁ ମୋର
ବସିଥାଉ ଯେ ଅନାଇ
କେତେ ଯେ କଥା କହିଯାଉ
ମୋତେ ପାଖରେ ତୁ ପାଇ।

କିଛି ବି ବୁଝେନା ମୁଁ
ପୁଣି ସବୁ ବୁଝିଯାଏ
ଅଳି ଅଝଟରେ ଭରା ତୋର
ଅଙ୍ଗଭଙ୍ଗୀକୁ ଅନାଇ।

ଡର ଲାଗେ ମୋତେ ପୁଣି
ବଡ଼ ହୋଇଯିବୁ ତୁହି
ସମୟର କରାଳ ସ୍ରୋତ
ତୋତେ ଛାଡ଼ିବ ଯେ ନାହିଁ।



ଆଦର୍ଶ ସମାଜ ଆଦର୍ଶ ମଣିଷ
ଏସବୁ ପାଠାଗାର ବହି
ମିଛ ମାୟା ପୂର୍ଣ୍ଣ ସଂସାରରେ
ଭୁଲି ଯିବୁ ସବୁ ଭ୍ରମରେ ରହି।

ଧର୍ମ ଆଉ ପରମ୍ପରା ଏତେ ସବୁ
ସମାଜରେ ଯେ ତିଆରି
ଭରିଦେବେ ଆଖିରେ ଲୁହ
ନାରୀକୁ ଦେବୀର ଆଖ୍ୟା ଦେଇ।

କରିବୁ ନାହିଁ ତ୍ୟାଗ ଖୁସିର
ମିଛ ଏ ଅନ୍ଧ ପୁତୁଳି ପାଇଁ
ଛିଡା କରିବୁ ସଂସାର ତୋର
ପ୍ରେମ, ସ୍ନେହ ଓ ସମ୍ପର୍କ ଗୋଟାଇ।

*ବଡ଼ାଗର, ରାଜକନିକା*

✦✦✦

# ସବୁଠୁ ଭଲ ମୋ ମାଆ

**କାଜଲ ନାୟକ**

> **ତୁ ବ୍ରହ୍ମା ତୁ ବିଷ୍ଣୁ,**
> **ତୁ ହିଁ ପରମେଶ୍ୱର ।**

ଦଶଟି ମାସ ଦଶଟି ଦିନ
କୋଳରେ ମାଆ ରଖିଥିଲୁ
ରକ୍ତ ଅଧାଦେଇ ଗରଭରେ ମୋତେ
ବଞ୍ଚାଇ ରଖିଥିଲୁ ॥

କେତେ ଯେ ଯନ୍ତ୍ରଣା କଷ୍ଟ ସହି
ମାଆ ମୋତେ ଜନମ ଦେଲୁ
ଅନ୍ଧାରରୁ ମୋତେ ବାହାର ଦୁନିଆର
ଆଲୋକ ଦେଖାଇ ଦେଲୁ ॥

ଛାତିରେ କୁଣ୍ଢାଇ ଗାଲେ ଚୁମା ଦେଇ
ରଖିଥିଲୁ ମୋ ନାଆ
ପାଟିରେ ମୋର ପ୍ରଥମ ଅକ୍ଷର
ଡାକିଲି ମାଆ ମାଆ ॥


କହିବା ଚାଲିବା ତୋ'ଠୁ ଶିଖିଲି
ଶିଖିଲି ଅ ଆ
ଏହି ଶିକ୍ଷା ମୋତେ ଆଜିବି କହୁଛି
ତୁ ଆଗକୁ ଆଗକୁ ଯା ॥


ସେବେଠୁ ଆଗକୁ ଆଗକୁ ବଢୁଛି
ପଢ଼ିଲିଣି ଆଇଏ, ବିଏ
ତୋତେ ଛାଡ଼ି ଜଗତରେ ମୋତେ
ଆଉ ଜଗୁ ଅଛି କିଏ ॥

ତୁ ହିଁ ବାପା ତୁ ହିଁ ମୋ ମାଆ
ଜୀବନ୍ତ ଦେବତା ମୋର
ତୁ ବ୍ରହ୍ମା ତୁ ବିଷ୍ଣୁ
ତୁ ହିଁ ପରମେଶ୍ୱର ॥

✦✦✦

*କହଣୀ।*






# ପାଇକା କୁସୁମ ବନ୍ଧାଣ ଥାଳୀ

ବନବିହାରୀ ସାହୁ
ରାଜକିଶୋର ସାହୁ

**ବିଦ୍ରୋହୀ ପାଇକ ଡେଇଁଲେ, ସରୁ ନିର୍ଝର ଧାରେ
ପାଇକାର ନାମ ଅର୍ଜିଲା, ଯହିଁ ତହିଁ ସେଠାରେ।**

ମହାନଦୀ ମଧ୍ୟୁ ଜାତ ପାଇକା
ବହେ ଖର ସ୍ରୋତରେ
ସମତଳ ଜମି ଗଭୀର
ହୋଇ ଅଛି ପଥରେ।
ଇଟା ଟିକ୍ରି ନାସୀ କୋଳରୁ
ବହେ ପାଇକା ନଈ
କୁଳୁକୁଳୁ ନିନାଦରେ
ପଡେ ସାଗରେ ଯାଇ।
ପାଇକା ଦେହରୁ ବିଚ୍ଛିନ୍ନ
ଶାଖା ଶୁକ ପାଇକା
ରୂପ ଯଉବନ ଦିଅନ୍ତି
ଯହିଁ ତହିଁ ରାଧିକା।
କୃଷ୍ଣାନନ୍ଦପୁର ପଠାରେ
ଶୋଭେ ବଟର ବୃକ୍ଷ
ବସା ବଗମାନେ ବସନ୍ତି
ଯହିଁ ତହିଁ ଅସଂଖ୍ୟ।
ନୟନପୁରର ଗଡ଼ାରୁ
ଲୋକେ ଚାଲନ୍ତି ଧାଡ଼ି
ବିନ୍ଧା ନୂଆଗାଁ ରହିଲା
କଦମ୍ବଛନ୍ଦା ଆରପାରି।
ନରଡ଼ା କୁସୁନପୁରାରେ
ପଶେ ପାଇକା ପାଣି
ବନ୍ୟା ଜଳ ଗ୍ରାସ କରିଛି
ଜନେ ପଡ଼େ ଭାଳେଣି।
ପଳସୁଧା ଲଙ୍କାପଡା ଓ ମଉଗଜପୁରରେ
ପାଇକାର ଧାର ଗ୍ରାସିନୁ
ଅତି ଖରତରରେ।
କେତେ ଜମିବାଡ଼ି ହଜିଲା
ସେହି ପାଇକା ଜଳେ
ସରକାର ଘରେ କାଗଜ
ରହେ ଅତି ନିଶ୍ଚଳେ ।
ଜନ୍ମ ଇତିହାସ ପାଇକା ନଦୀ
ଅତି ରହସ୍ୟ
ବ୍ରିଟିଶ ଅମଳ କାଳରୁ
ଏହା ହୋଇଛି ସତ।
ବିଦ୍ରୋହୀ ପାଇକ ଡେଇଁଲେ
ସରୁ ନିର୍ଝର ଧାରେ
ପାଇକାର ନାମ ଅର୍ଜିଲା
ଯହିଁ ତହିଁ ସେଠାରେ।
ଲୋକେ ଖୁସି ହେଲେ ଦେଖିଲେ
ଗୋଖି ସାହେବ ମଳା
ଜନ୍ମ ଇତିହାସେ ନିର୍ଝର ଧାର
ପାଇକା ହେଲା।

*ପଳସୁଧା*



✦✦✦

# KGuiaur

**ତାରାକାନ୍ତ ନାୟକ**

କେଉଁ ମୁନିବର କ୍ରୀତଦାସ ନୁହେଁ
    ସେ ଏଇ ମାଟିର ପୁଅ
ମାଆ ଲୁହ ଦେଖି ଛାତିରେ ଯା ଉଠେ
    ଶତ ସହସ୍ର କୋହ
ମାତାଲ କରି ଯାକୁ ବୋଲକରା କରି ରଖିବାକୁ
    ଷଡ଼ଯନ୍ତ୍ର ରଚିଥିଲ
ସେଇ ଯୌବନର ଜୟଧ୍ୱନି ଇଏ
    ବିପ୍ଳବର ନିଆଁ ଝୁଲ।
ବିପ୍ଳବର ନିଆଁ ଝୁଲ ଖାଲି ନୁହେଁ
    ସର୍ଜନାର ଦୀପଶିଖା
ସ୍ୱାଭିମାନର ବେସାଲିସ ବାଖ୍ୟା
    ଏ ମାଟିର ଭାଗ୍ୟରେଖା।
ଚାରିବର୍ଷ ତଳେ ଦେଇଥିଲା ଯିଏ
    ଦଶଲକ୍ଷ ହସ୍ତାକ୍ଷର
ସେଇ ସାଧାରଣ ମଣିଷର ଇଏ
    ମାର୍ମିକ ଅନ୍ତସ୍ୱର।

ଛଅବର୍ଷ ଧରି ତୁମ ଦରବାରେ
    କରୁଥିଲା ଯିଏ ଅନୁରୋଧ
ସେଇ ଓଡ଼ିଆର ପ୍ରତିବାଦ ଇଏ
    ପ୍ରତିବାଦ, ପ୍ରତିବାଦ।
ସହସ୍ର ମାଆର ସିନ୍ଦୂର ଲିଭୁଛି
    ଅସୁରକ୍ଷିତ ଯା ଭଉଣୀ
ଯା ଗାଁ ମୁଣ୍ଡେ ମଦ ଦୋକାନ ଖୋଲିଛି
    ଏ ତାହାରି ଚରମ ବାଣୀ।
ତୁମ ସଇତାନି ଯୋଜନାର ଗନ୍ଧ
    ବାରିପାରିଥିଲା ଯିଏ ଜାଣି
କେବେଠୁ ନିରବେ ଲଢ଼ିଚାଲିଥିଲା
    ଏ ସେଇ ସାଧନାର ଶଙ୍ଖଧ୍ୱନି।
ଯା ପୁଅ ଫେରିନି, ଯା ଚୁଲି ଜଳିନି
    ଯା ଜୀବନ ଜଳେ ନିତି
ସେ ମାଆ ପୀଡାର ପ୍ରତିକାର ପାଇଁ
    ପ୍ରତିବଦ୍ଧ ଏ ମହାଶକ୍ତି।
ମିଛ ସ୍ୱାଭିମାନ ସତ ମଦ ବିକି
    କ୍ଷମତା ହାସଲ ପାଇଁ
ତୁମ ଯୋଜନାର ପ୍ରତିକ୍ରିୟା ଇଏ
    ଯାର ପଟାନ୍ତର ନାହିଁ।

*ରାଏସର*




**୭ ଫେବୃଆରୀ ୨୦୧୯।**
**ମଦମୁକ୍ତି ଦାବିରେ ରାଜଧାନୀରେ ରାସ୍ତାରୋକ କରି ବନ୍ଦୀ ହୋଇଥିବା ବାରଜଣଙ୍କ ଉଦ୍ଦେଶ୍ୟରେ।**




ଅଙ୍କୁରାୟନରେ ଆୟୋଜିତ ହୁଏ ସୃଜନିକା।
ବିଗତ ବର୍ଷର ଦଶଟି ଲେଖାକୁ ନେଇ

# କଲମ



୧୦୭

## ସତ୍ୟଜିତ୍ ଲେଙ୍କା


ସପ୍ତମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗରଦପୁର

### ତାର ନାମ ହେଉଛି ରାଜା

ଦୁଃଖରେ ଏବଂ ସୁଖରେ ଯିଏ ସବୁବେଳେ ପାଖରେ ଥାଏ ସେ ହେଉଛି ସାଙ୍ଗ । ମୋର ଆମ ବିଦ୍ୟାଳୟରେ ଅନେକ ସାଙ୍ଗ ଅଛନ୍ତି । ଆମ୍ଭେମାନେ ମିଳିମିଶି ଖେଳୁ ଏବଂ ପାଠ ପଢୁ । ଆମ ଗ୍ରାମଠାରୁ ଅଳ୍ପ ଦୂରରେ ଗୋଟିଏ ଗ୍ରାମ ଅଛି ଯାହାର ନାମ ହେଉଛି ଲଙ୍କାପଡ଼ା । ସେଠାରେ ପ୍ରତିବର୍ଷ ତିନିଦିନ ଧରି ଗୋଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ । ଯାହାର ନାମ ହେଉଛି ଅଙ୍କୁରାୟନ । ମୁଁ ଏବଂ ମୋ ସାଙ୍ଗମାନେ ସେଠାକୁ ଯାଉ । ବର୍ଷେ ସେଠାରେ ମୋର ଗୋଟିଏ ପିଲା ସହ ଦେଖାହେଲା । ତାର ନାମ ହେଉଛି ରାଜା । ରାଜା ମୋ ସହିତ କଥା ହେଲା । ରାଜା ସହ କଥା ହେବାପରେ ମୁଁ ତାଙ୍କ ଘରକଥା ଜାଣିପାରିଲି । ପ୍ରତିବର୍ଷ ଆମେ ଅଙ୍କୁରାୟନରେ ଭାଗନେଉ । ମୁଁ ଯଦି କେଉଁଥିରେ ବି କିଛି ସ୍ଥାନ ଅଧିକାର ନ କରିପାରେ ରାଜା ମୋତେ କୁହେ ଯେ ଆରବର୍ଷକୁ ଅପେକ୍ଷାକର, ତୁ କେଉଁଥିରେ ବି କିଛି ସ୍ଥାନ ଅଧିକାର କରିପାରୁ । ଅଙ୍କୁରାୟନକୁ ଆସି ମୋର ବହୁତ ସାଙ୍ଗ ହୋଇଗଲେଣି । ସେମାନେ ବହୁତ ଭଲ । ରାଜା ହେଉଛି ଅଙ୍କୁରାୟନରେ ମୋର ସବୁଠୁ ଭଲ ଏବଂ ସବୁଠୁ ନୂଆ ସାଙ୍ଗ । ସେ କ୍ରିକେଟ ଖେଳିବାକୁ ଭଲପାଏ । ସେ ଭାରି କ୍ରୀଡାପ୍ରିୟ । ଯେଉଁଠାରେ ବି କୌଣସି ଖେଳ କିମ୍ବା କାର୍ଯ୍ୟକ୍ରମ ହୁଏ ସେଥିରେ ସେ ଭାଗ ନିଏ । ସେ କହେ ଯେ ହେବା ନ ହେବା ବଡ଼ କଥା ନୁହେଁ । ସବୁଥିରେ ଭାଗନେଲେ ଆମେ ନୂଆ ନୂଆ କଥା ଜାଣି ପାରିବା । ସେ କହେ ଭାଗନେବାକୁ କେବେହେଲେ ଡରିବା ନାହିଁ । ଡରିଲେ ମରିବା ।

ଦୁନିଆରେ ସାଙ୍ଗର ମହତ୍ତ୍ୱ ବହୁତ । ରାଜା ଏବେ ମୋର ସବୁଠାରୁ ଭଲ ସାଙ୍ଗ । ସେ ମୋ ଉପରେ କେବେ ରାଗେ ନାହିଁ । ସେ ହେଉଛି ଅଙ୍କୁରାୟନରେ ମୋର ସବୁଠାରୁ ଭଲ ସାଙ୍ଗ ।

✦✦✦



# ଶୁଭଶ୍ରୀ ପ୍ରୀତିପର୍ଣ୍ଣା ସିଂହ

ଅଷ୍ଟମ ଶ୍ରେଣୀ

ଓଁ ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମାହାଳହାଟ, ମୁଗୁରିଆ, କଟକ


## ଅଙ୍କୁରାୟନ ୨୦୧୯ରେ ସେମାନଙ୍କ ସହିତ ପୁଣିଥରେ ଭେଟ ହେବାର ସୁଯୋଗ ମିଳିବ

"ଅଙ୍କୁରାୟନ-ଫେରାଇ ଆଣେ ପିଲାପଣ"- ଆଜିକାଲି ପିଲାମାନେ ପାଠପଢ଼ା ଯୋଗୁଁ ପିଲାଳିଆମିକୁ ଭୁଲିଯାଇଛନ୍ତି। ତେଣୁ ସେଇ ପିଲାଳିଆମିକୁ ମନେପକାଇବା ପାଇଁ ଅନୁଷ୍ଠିତ ହୋଇଛି ଅଙ୍କୁରାୟନ-୨୦୧୮।

ଏହି ଅଙ୍କୁରାୟନ ଧନୁ ସଂକ୍ରାନ୍ତି ପରେ ମା' ବଜ୍ରମହାକାଳୀଙ୍କ ମନ୍ଦିର ନିକଟସ୍ଥ ମକର ପଡ଼ିଆରେ ଅନୁଷ୍ଠିତ ହୋଇଥାଏ। ପ୍ରାୟ ତିନି ଚାରି ବର୍ଷ ହେବ ମୁଁ ଏ ଅଙ୍କୁରାୟନକୁ ଆସୁଛି, ଜଣେ ପ୍ରତିଯୋଗୀ ଭାବରେ। ପ୍ରତିବର୍ଷ ଏଠାରେ କିଛି ନୂଆ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥାଏ ଓ କିଛି ନୂଆ କଥା ମଧ୍ୟ ଶିଖିବାକୁ ମିଳିଥାଏ। ପ୍ରତିବର୍ଷ ନୂଆ ନୂଆ ଅତିଥିମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥାନ୍ତି ଓ ଭଲ ଭଲ କଥା ସବୁ କହିଥାନ୍ତି। ପିଲାମାନଙ୍କୁ ଉତ୍ସାହିତ କରିଥାନ୍ତି।

ଓଡ଼ିଶାର କଟକ, କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାଗୁଡିକରେ ରହିଥିବା ବିଭିନ୍ନ ସ୍କୁଲରୁ ପିଲାମାନେ ଅଙ୍କୁରାୟନର ପ୍ରତିଯୋଗିତା ଗୁଡ଼ିକରେ ଅଂଶଗ୍ରହଣ କରିଥାନ୍ତି। କେବେ କେବେ ନୂଆ ନୂଆ ସ୍କୁଲର ପିଲାମାନେ ମଧ୍ୟ ଆସିଥାନ୍ତି। ଏହି ଅଙ୍କୁରାୟନ କାର୍ଯ୍ୟକ୍ରମକୁ ଆସି ଆମେ ଅନ୍ୟ ବିଦ୍ୟାଳୟର ପିଲାମାନଙ୍କ ସଙ୍ଗେ ମିଶୁ। ତାଙ୍କ ସହିତ ସାଙ୍ଗ ହୋଇଯାଉ। ଅନ୍ୟ ପିଲାମାନଙ୍କ ସଙ୍ଗେ ମିଶି ସେମାନଙ୍କ ସହିତ ବନ୍ଧୁତା କରିବାର ସୁଯୋଗ ଆମେମାନେ ଏହି ଅଙ୍କୁରାୟନରେ ହିଁ ପାଇଥାଉ। ସେମାନଙ୍କ ସହିତ ସାଙ୍ଗ ହେବା ଦ୍ୱାରା ଆମେ ତାଙ୍କ ବିଦ୍ୟାଳୟ ସମ୍ବନ୍ଧରେ ମଧ୍ୟ କିଛି ଜାଣିବାକୁ ପାଇଥାଉ। ଗତବର୍ଷ ସାଙ୍ଗ ହୋଇଥିବା ପିଲାମାନଙ୍କୁ ଏଇ ବର୍ଷ ଅଙ୍କୁରାୟନରେ ଖୋଜିବୁଲୁ। ଆଶା କରୁ କି ସେମାନଙ୍କ ସଙ୍ଗେ ପୁଣି ଥରେ ଭେଟ ହୋଇଯାଉ। ସେହି ପୁରୁଣା ସାଙ୍ଗ ମାନଙ୍କ ଭିତରୁ ଯାହା ସହ ଭେଟ ହୁଏ ତା' ସହିତ ଗପ କରିବାରେ ଲାଗିଯାଉ। ଆଉ ଯେଉଁମାନଙ୍କ ସଙ୍ଗେ ଭେଟ ହୋଇପାରେ ନାହିଁ ତାଙ୍କ କଥା ଖୁବ୍ ମନେ ପଡ଼େ। ସେଇ ସାଙ୍ଗମାନଙ୍କ ବଦଳରେ ଆଉ କେତେଜଣ ନୂଆ ସାଙ୍ଗଙ୍କୁ ପାଇଯାଉ। ଅଙ୍କୁରାୟନର ଉଦ୍‌ଘାଟନ ଦିବସରେ ପ୍ରଥମ ଦିନ ଯେଉଁ ନୂଆ ସାଙ୍ଗ ମାନଙ୍କ ସହିତ ଭେଟ ହୋଇଥାଏ, ଅଙ୍କୁରାୟନର ଦ୍ୱିତୀୟ ଦିନରେ ସେମାନଙ୍କ ସହିତ ଭେଟ ହେଲେ ଆମେ ଏକ ନୂଆ ବନ୍ଧୁତ୍ୱର ଡୋରିରେ ବାନ୍ଧି ହୋଇଯାଉ। ମନରେ ଏ ଭାବନାଟି ମଧ୍ୟ ଜାତ ହୁଏ ଯେ ଆଗାମୀ ବର୍ଷ ସେହି ନୂଆ ସାଙ୍ଗମାନଙ୍କ ସହିତ ପୁଣି ଥରେ ଭେଟ ହୋଇଯାଆନ୍ତା କି! ନୂଆ ସାଙ୍ଗମାନଙ୍କ ସହିତ ସାଙ୍ଗହେଲେ କେବଳ ଗପ କରିବାକୁ ମିଳିଯାଏ ତା' ନୁହେଁ ବରଂ ସେ ନୂଆ ସାଙ୍ଗମାନଙ୍କ ସଂସ୍ପର୍ଶରେ ଆସିବା ଦ୍ୱାରା ଆମେ କିଛି ଭଲ ଗୁଣକୁ ମଧ୍ୟ ଆପଣେଇ ନେଇଥାଉ। ଗତବର୍ଷ ଅଙ୍କୁରାୟନରେ ମିଳିଥିବା ନୂଆ ସାଙ୍ଗମାନଙ୍କ ସହ ଏ ବର୍ଷ ଭେଟ ହେବାର ଆଶାରେ ଆସିଥିଲି। କିନ୍ତୁ ତାହା ପୂରଣ ହୋଇପାରିଲା ନାହିଁ। କିନ୍ତୁ ଆଉ କେତେଜଣ ନୂଆ ସାଙ୍ଗଙ୍କ ସହ ଭେଟ ହୋଇଗଲା। ନୂଆ ସାଙ୍ଗମାନେ ମିଠାମିଠା କଥା କହି ଆମର ଦୁଃଖକୁ ଦୂରକରି ଦେଇଥାନ୍ତି। ଅଙ୍କୁରାୟନରେ ଯୋଗ ଦେଲେ କେବଳ ନୂଆ ସାଙ୍ଗ କରିବାର ସୁଯୋଗ ମିଳେ ତା'ନୁହେଁ, ବରଂ ନୂଆ ସାଙ୍ଗ କରି ଯେଉଁ ଖୁସି ଆମେ ପାଇଥାଉ, ତା'କୁ ଭୁଲିବା ସହଜ ନୁହେଁ। ଏଥର ମଧ୍ୟ କେତେଜଣ ନୂଆ ସାଙ୍ଗଙ୍କ ସହିତ ବନ୍ଧୁ ବାନ୍ଧିବାର ସୁଯୋଗ ମିଳିଛି। ଆଶା କରୁକି ଅଙ୍କୁରାୟନ-୨୦୧୯ରେ ସେମାନଙ୍କ ସହିତ ପୁଣିଥରେ ଭେଟ ହେବାର ସୁଯୋଗ ମିଳିବ।

ଏହି ଅଙ୍କୁରାୟନ ଏ ବର୍ଷର ନୂଆ ସାଙ୍ଗମାନଙ୍କୁ ଆଗାମୀ ବର୍ଷ ଭେଟ କରାଇଦେବ ଓ ଆଗାମୀ ବର୍ଷ ପୁଣି କେତେଜଣଙ୍କୁ ଆମର ନୂଆ ସାଙ୍ଗ କରାଇଦେବ। କେବଳ ଏତିକି, ମା' ବଜ୍ରମହାକାଳୀଙ୍କ ନିକଟରେ ପ୍ରାର୍ଥନା।

# ଚୌଧୁରୀ କୃପାଜଳ

ଦଶମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଦଶମାଣକୁଳ

## ମୋର ନୂତନ ସାଙ୍ଗ ହେଲା ଅଙ୍କୁରାୟନର ପରିବେଶ

ଅଙ୍କୁରାୟନ ଏକ ଏପରି ମହୋତ୍ସବ ଯାହା ପିଲାମାନଙ୍କୁ ପାଠପଢ଼ା ବ୍ୟାପାରରୁ ଟିକେ ଦୂରକୁ ଆଣି କ୍ରୀଡା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମିଲ କରିଥାଏ। ସାଙ୍ଗ ଅର୍ଥ ବୁଝିବାକୁ ଗଲେ ଅନେକ କଥା । ଯେମିତି, ଯେ ବିପଦ ସମୟରେ ସାହାଯ୍ୟ କରେ, ଯେ ଶେଷ ସମୟରେ ନିଜର ଚିତା ପାଖକୁ ଯାଏ, ବାସ୍ତବିକ ଭାବେ ଦେଖିବାକୁ ଗଲେ ସେ ହିଁ ବନ୍ଧୁ। ଅଙ୍କୁରାୟନରେ ନୂଆ ସାଙ୍ଗ କହିଲେ, ଆମେ ସାଧାରଣତଃ ବୁଝୁ ଏ ପଲ୍ଲୀ ପ୍ରକୃତିକୁ। କାରଣ ଜଣେ ଶିଶୁ ଜନ୍ମଲାଭ କରିବା ପରେ ତାର ଜନ୍ମିତ ସ୍ଥାନ ହିଁ ତାର ବନ୍ଧୁ। ସେଠାକାର ପଲ୍ଲୀପ୍ରକୃତି ହେଲା ତାର ବନ୍ଧୁ। ସେଠାକାର ବନ୍ଧୁ ସାଙ୍ଗରେ ସେ ସର୍ବଦା ମିଶିଲା।

ଅଙ୍କୁରାୟନର ପଲ୍ଲୀ ପ୍ରକୃତି ଶାନ୍ତ ଏବଂ ବର୍ଣ୍ଣମୟ ! ଅଙ୍କୁରାୟନର ସଭାମଞ୍ଚର ଠିକ୍ ସାମନାରେ ପାଇକା ନଦୀର କୁଳୁକୁଳୁ ନାଦ, ଆକାଶରେ ଧଳାବାଦଲ ସୁଶୀଳ ପବନରେ ଚଳମାନ।

ମୁଁ ମୋରି କଥା ଲେଖିବାକୁ ଯାଇ କହୁଛି ଅଙ୍କୁରାୟନରେ ମୋର ନୂତନ ସାଙ୍ଗ ହେଲା ଅଙ୍କୁରାୟନର ପରିବେଶ। କାରଣ ଏହାର ପରିବେଶ ଶାନ୍ତ। ମୋର ଇଛା ହୁଏ କି ମୋର ଏହି ନୂଆ ସାଙ୍ଗ ସାଙ୍ଗରେ ଥରେ ଏ ସଂସାରର ସମସ୍ତ ଦୁଃଖ ଠାରୁ ଦୂରେଇ ଯାଇ କୁଆଡ଼େ ଚାଲିଯିବାକୁ। ମୁଁ ଏଠାରେ ଏକା ଥିଲି ମାତ୍ର ଏହି ଅଙ୍କୁରାୟନ ପରିବେଶ ମୋତେ ସାଙ୍ଗ ରୂପେ ଗ୍ରହଣ କରିଥିଲା। ଏହି ପରିବେଶର ପବନ ଓ ବୃକ୍ଷ ମିଶି ତାଙ୍କର ଧ୍ୱନିରେ ମୋତେ ସଙ୍ଗୀତ ଶୁଣେଇ ଥିଲେ ତ ପାଇକା ନଦୀ ଓ ପକ୍ଷୀର ସ୍ୱର ମୋତେ ତାଙ୍କର କଳ କଳ ନାଦରେ ମୁଗ୍ଧ କରିଥିଲେ।

ମୋର ଏହି ଅଙ୍କୁରାୟନର ନୂଆ ସାଙ୍ଗ ମୋତେ ଶିଖେଇଛି ଯେ ବନ୍ଧୁର ପଦବାଚ୍ୟ ସେହି ଯିଏ ବିପଦରେ ଠିଆହୁଏ। ସମସ୍ତ ଦୁଃଖ କଥା ଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଏ।

ସାଙ୍ଗ ତ ସମସ୍ତେ କାରଣ, ଆମର ବେଦ ପ୍ରମାଣ କରିଛି ଯେ ମନୁଷ୍ୟ ମଧ୍ୟରେ ଥିବା ଆତ୍ମା ସମାନ। ତେଣୁ ମନୁଷ୍ୟ ପରସ୍ପରର ବନ୍ଧୁ। ଏହି ଜୀବନଜ୍ୟୋତି ଆମ ସହିତ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯିବ ସତ କିନ୍ତୁ ଶେଷ ଚିତା ପର୍ଯ୍ୟନ୍ତ ଯିବ ନାହିଁ। କାରଣ ସିଏ ଭଗବାନଙ୍କର। ତେଣୁ ତାହା ଭଗବାନଙ୍କ ନିକଟକୁ ଚାଲିଯିବ। କିନ୍ତୁ ଜଣେ ଏପରି ସାଙ୍ଗ ଯିଏ ଜନ୍ମରୁ ଶେଷ ଚିତା ପର୍ଯ୍ୟନ୍ତ କଣ, ସେ ଚିତା ମାଟିରେ, ଜଳରେ ତଥା ଏ ପଞ୍ଚଭୂତରେ ମିଶିବା ପର୍ଯ୍ୟନ୍ତ କେବଳ ନୁହେଁ ଗୋଟିଏ ଜୀବନ ଛାଡି ଆଉ ଏକ ଜନ୍ମ ଗ୍ରହଣ କରିବା ଓ ତାକୁ ତ୍ୟାଗ କରିବା ପର୍ଯ୍ୟନ୍ତ ମଧ୍ୟ ଥିବ, ସେ ହିଁ ହେଲା ଅଙ୍କୁରାୟନରେ ମୋର ନୂଆ ସାଙ୍ଗ।

ମୁଁ କେବେ ଅନୁଭବ କରିପାରିନଥିଲି, କି ମୁଁ ଏଠାରେ ଆସି ଏପରି ସାଙ୍ଗ ପାଇବି ଯିଏ ମୋର ଶେଷ ସମୟ ପର୍ଯ୍ୟନ୍ତ ମୋ ସାଙ୍ଗରେ ଥିବ। ମୋର ପ୍ରତିଟି ନିଶ୍ୱାସ, ପ୍ରତିଟି ସ୍ପନ୍ଦନ, ପ୍ରତିଟି ମୁହୂର୍ତ୍ତରେ ମୋ ସାଥିରେ ଥିବ।

ମୁଁ ପ୍ରଥମେ ଡରୁଥିଲି କି ମୁଁ କାହିଁକି ଅଙ୍କୁରାୟନକୁ ଯିବି । ସେଠି ତ ମୋର କେହି ସାଙ୍ଗ ନାହାଁନ୍ତି। କିନ୍ତୁ ପଛରେ ଆସି ଅନୁଭବ କଲି ଏଠାକାର ସାଙ୍ଗ ମୋର ସର୍ବଶ୍ରେଷ୍ଠ ସାଙ୍ଗ।

ମୁଁ ମାଆ ବଜ୍ରମହାକାଳୀ ଓ ମା'ବିଳେଇଶୁଣୀଙ୍କୁ ଅନୁରୋଧ କରୁଛି ଏହି ଅଙ୍କୁରାୟନ କାର୍ଯ୍ୟକ୍ରମ ସର୍ବଦା କରାଉଥାନ୍ତୁ।




## ଶ୍ରଦ୍ଧାଞ୍ଜଳୀ ଦାସ

ପଞ୍ଚାୟତ ହାଇସ୍କୁଲ, ବନ୍ତଳା


ଦଶମ ଶ୍ରେଣୀ


# ପ୍ରତିବର୍ଷ ନୂଆ ସାଥୀ ସହିତ ଭେଟିବାକୁ ଅଙ୍କୁରାୟନର ଇଚ୍ଛା

ଅଙ୍କୁରାୟନ ହେଉଛି ଏମିତି ଏକ ଉତ୍ସବ ଯାହା କୁନି କୁନି ପିଲାମାନଙ୍କୁ ସୁଯୋଗ ଦେଉଛି ଖେଳିବାର। ଛୋଟ ପିଲାମାନେ ଖାଲି ପାଠପଢ଼ିବା ବ୍ୟତୀତ ଖେଳକୁଦ ଓ ମଉଜମସ୍ତି କରିବାରେ ବହୁତ ଆଗ୍ରହ ପ୍ରକାଶ କରିଥାନ୍ତି। ଯାହା ତାଙ୍କୁ ଏଇ ଅଙ୍କୁରାୟନରେ ମିଳିଥାଏ। ତା ସହ ନୂଆ ସାଙ୍ଗ ଓ ବିଭିନ୍ନ ପ୍ରକାର ଖେଳ ମଧ୍ୟ। ପିଲାମାନଙ୍କ ମନରେ ଯେଉଁ ଉତ୍ସାହ ଅଛି ଖେଳ ଖେଳିବାର ବା ଦେଖିବା ପାଇଁ ତାହା ଏଇ ପାଇକା ନଦୀ ନିକଟସ୍ଥ ପଡ଼ିଆରେ ପ୍ରତିବର୍ଷ ରୂପ ପାଇ ଆସୁଛି। ଏହି ସୁଯୋଗକୁ ହାତଛଡା ନ କରି ଆସ ଆମେ ସମସ୍ତେ ଏପରି ଏକ ଖୁସିକୁ ଉପଭୋଗ କରିବା। ଅଙ୍କୁରାୟନ ପଡ଼ିଆରେ ଗଛଲତା ଆମକୁ ଡାକୁଛି। ହେ ମୋର କୁନାକୁନି ପିଲାମାନେ ଆସ ମୁଁ ତୁମକୁ ତୁମ ପିଲାପଣ ଫେରାଇଦେବି। ମୋ ସହିତ ଏକତ୍ରିତ ହୋଇ ଖେଳ। ଏଇ ଗୋଟିଏ ବର୍ଷକୁ ଅପେକ୍ଷା କରିଥିବା ପିଲାମାନଙ୍କୁ ଲାଗେ ଯେମିତି ସେମାନେ ଗୋଟିଏ ଜନ୍ମ ଅପେକ୍ଷା କରିଛନ୍ତି। କେବେ ଅଙ୍କୁରାୟନ ଖେଳ ହେବ ଆଉ ସେମାନେ ଖେଳିବେ। ଏହି ଦିନ କେବେ ଆସିବ। ଆଜି ସେଇଦିନ ଆସିଛି। ଆଜି ହେଉଛି ୧୭.୧୨.୨୦୧୮ମସିହା, ପବିତ୍ର ଅଙ୍କୁରାୟନ ଦିବସ। ଏଠାରେ ପ୍ରତ୍ୟେକ ବିଦ୍ୟାଳୟର ପିଲାମାନେ ଏକତ୍ରିତ ହୋଇ ମିଳିମିଶି ଖେଳିବେ। ଖେଳିବା ସହିତ ଅଙ୍କୁରାୟନକୁ ତା'ର ନୂଆ ସାଙ୍ଗ ମିଳିଯିବ। ଏମିତି ପ୍ରତିବର୍ଷ ଅଙ୍କୁରାୟନକୁ ଆସି ନୂଆ ନୂଆ ଖେଳ ଖେଳି ଉତ୍ସାହ ପ୍ରକାଶ କରିବେ। ପିଲାମାନଙ୍କୁ ତାଙ୍କ ପିଲାପଣ ଫେରାଇ ଦିଏ ଅଙ୍କୁରାୟନ। ତେଣୁ ପିଲାମାନେ ହେଲେ ଅଙ୍କୁରାୟନର ନୂଆ ସାଥୀ। ପ୍ରତିବର୍ଷ ନୂଆ ସାଥୀ ସହ ଭେଟିବାକୁ ଅଙ୍କୁରାୟନର ଇଚ୍ଛା। ସବୁଦିନ ଅଙ୍କୁରାୟନ ପଡିଆରେ ଖେଳ ହୁଅନ୍ତା ଆଉ ସଭିଏଁ ସାଙ୍ଗ ହୋଇ ଖେଳନ୍ତେ ଏହା ଚାହେଁ ଅଙ୍କୁରାୟନ। ଅଙ୍କୁରାୟନର ଯେମିତି ଇଚ୍ଛା ଠିକ୍ ସେମିତି ପ୍ରତ୍ୟେକ ପିଲାମାନଙ୍କର ଇଚ୍ଛା, ସେମାନେ କେମିତି ଅଙ୍କୁରାୟନକୁ ଆସି ନିଜ ନିଜର ଭଲ ଜ୍ଞାନ ପ୍ରଦର୍ଶନ କରିବେ। ଆମକୁ ଆମର ଖୁସି ମିଳିବା ସହ ଅଙ୍କୁରାୟନକୁ ତା'ର ନୂଆ ସାଙ୍ଗ ମିଳେ। ଆମେ ସମସ୍ତେ ନିଜର ଜ୍ଞାନ ପ୍ରଦର୍ଶନ କରି ପ୍ରମାଣ କରିବାକୁ ଚାହୁଁ ଯେ ଆମେ ସବୁକ୍ଷେତ୍ରରେ ଆଗୁଆ। ଆମେ କେବେ କାହା ଆଗରେ ମଥା ନୁଆଁଇବା ନାହିଁ। ଆମେ ଆଗାମୀ କାଲିର ଭବିଷ୍ୟତ।

"ଆମେ ତ ଆଗାମୀ କାଲିର ପିଲାରେ
କହ ଡରିବା କାହାକୁ କିଆଁରେ।"

✦✦✦



## ରତୁପର୍ଣ୍ଣା ମହାନ୍ତି

ଷଷ୍ଠ ଶ୍ରେଣୀ

ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାହାଳ ହାଟ, ମୁଗୁରିଆ, କଟକ

# ଅଙ୍କୁରାୟନରେ ନୂଆ ସାଙ୍ଗ ଲିପ୍‌ସା

ମୋର ନାମ ରତୁପର୍ଣ୍ଣା ମହାନ୍ତି। ମୁଁ ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଷଷ୍ଠ ଶ୍ରେଣୀର ଛାତ୍ରୀ ଅଟେ। ମୁଁ ଆଜି ପ୍ରଥମ ଥର ପାଇଁ ଅଙ୍କୁରାୟନରେ ଯୋଗଦେଲି। ଅଙ୍କୁରାୟନରେ ମଧ୍ୟ ମୋ ପରି ପିଲାମାନେ ଯୋଗଦେଇ ଥିଲେ। ଅଙ୍କୁରାୟନର ପ୍ରଥମ ଦିନ ମୋତେ ବହୁତ ଭଲ ଲାଗିଲା। ଅଙ୍କୁରାୟନରେ ଅନେକ ଖେଳ ଥିଲା ଯଥା ୧୦୦ମିଟର ଦୌଡ଼, ଲମ୍ୱଡ଼ିଆଁ, ପୁଚି, ସୃଜନିକା, ଦୌଡ଼ିଡିଆଁ ଓ ମହକ ଇତ୍ୟାଦି। ଏଥିମଧ୍ୟରୁ ମୁଁ ଲମ୍ୱଡ଼ିଆଁ ଏବଂ ସୃଜନିକାରେ ଯୋଗଦେଲି। ଏହି ସବୁ ଖେଳ ସରିବା ପରେ ମୁଁ ଜଣେ ନୂଆ ପିଲାଙ୍କୁ ମୋ ପାଖରେ ବସିଥିବାର ଦେଖିଲି। ସେ ଏକୁଟିଆ ଥିବାରୁ ମୁଁ ତାଙ୍କୁ ତାଙ୍କର ନାମ, ବିଦ୍ୟାଳୟ, ଶ୍ରେଣୀ ଇତ୍ୟାଦି ପଚାରିଲି। ସେ ଉତ୍ତର ଦେଲେ ମୋର ନାମ ଲିପ୍‌ସା ପ୍ରିୟଦର୍ଶିନୀ ବେହେରା। ସେ ମଧ୍ୟ ମୋ ପରି ଜଣେ ଷଷ୍ଠ ଶ୍ରେଣୀ ପିଲା ବୋଲି ମୁଁ ତାଙ୍କଠାରୁ ଜାଣିବାକୁ ପାଇଲି। ଆଉ ସେ କହିଲେ ଯେ ସେ କଳିଙ୍ଗ ପବ୍ଲିକ୍ ସ୍କୁଲର ଜଣେ ଛାତ୍ରୀ ଅଟନ୍ତି। ତାଙ୍କର ଚାଲିଚଳଣୀ ଓ କଥାବାର୍ତ୍ତା ଦେଖି ମୁଁ ବହୁତ ଖୁସି ହେଲି ଏବଂ ତାଙ୍କର ମିତ୍ର ହେବାକୁ ମୁଁ ଆଗ୍ରହ ପ୍ରକାଶ କଲି। ମୁଁ ତାଙ୍କ ପାଖକୁ ମିତ୍ରତାର ହାତ ବଢ଼ାଇଲି ଏବଂ ସେ ମୋ ମିତ୍ରତାର ହାତ ଦେଖି ବହୁତ ଖୁସି ହେଲେ ଓ ମୋର ସହ ମିତ୍ରତା କଲେ। ମୁଁ ତାଙ୍କୁ ବହୁତ ପସନ୍ଦ କଲି, ତେଣୁ ମୁଁ ତାଙ୍କ ସହ କଥାବାର୍ତ୍ତା ହେଲି। ଆମେ ଦୁଇଜଣ ବହୁତ କଥାବାର୍ତ୍ତା ହେଲାପରେ, ମୁଁ ତାଙ୍କୁ କହିଲି ଆଜି ମୁଁ ତୁମ ସହ ଯେତେବି କଥାବାର୍ତ୍ତା ହେଲି, ସେ ସମୟ ଗୁଡ଼ିକ ମୋତେ ବହୁତ ଭଲ ଲାଗିଲା। ସେ କହିଲେ ଯେ ମୋତେ ମଧ୍ୟ ତୁମ ସହ ବିତାଇଥିବା ଏଇ କିଛି ସମୟ ବହୁତ ଭଲ ଲାଗିଲା। ଏହି ସମୟରେ ମୋ ସାଙ୍ଗମାନେ ମୋ ପାଖକୁ ଆସିଲେ ଏବଂ କହିଲେ, ରତୁ ଇଏ କ'ଣ ତୋର ନୂଆ ସାଙ୍ଗ ଏବଂ ମୁଁ କହିଲି ହଁ ବୋଲି। ତେଣୁ ସେ କହିଲେ ଆମେ ମଧ୍ୟ ତୋର ନୂଆ ସାଙ୍ଗକୁ ଦେଖି ବହୁତ ଖୁସି ହେଉଛୁ। ଆମର ଇଚ୍ଛା ଯେ ତୁ ଆମକୁ ତାଙ୍କ ସହ ପରିଚିତ କରାଇ ଦେ। ତେଣୁ ମୁଁ ମୋ ସାଙ୍ଗମାନଙ୍କୁ, ମୋ ନୂଆସାଙ୍ଗ ସହ ପରିଚିତ କରାଇଦେଲି। ତେବେ ସେମାନେ ମଧ୍ୟ ମୋର ନୂଆ ସାଙ୍ଗ ସହ କଥାବାର୍ତ୍ତା କଲେ। ସେହି ସମୟରେ ମୋ ସାଙ୍ଗ 'ଖୁସି' ତାକୁ ପଚାରିଲା ଲିପ୍‌ସା ତମେ କେଉଁ କେଉଁ ଖେଳରେ ଭାଗ ନେଇଥିଲ ? ସେ କହିଲେ, 'ମୁଁ ୧୦୦ ମିଟର ଦୌଡ଼, ପୁଚି ଏବଂ ଦୌଡ଼ିଡିଆଁରେ ଭାଗ ନେଇଥିଲି'। ମୁଁ ପଚାରିଲି, ଆଜି ତୁମର କେଉଁ ଖେଳ ହେଲା ? ସେ କହିଲେ 'ମୋର ଆଜି ପୁଚି ଏବଂ ଦୌଡ଼ିଡିଆଁ ହେଲା ଏବଂ କାଲି ଦୌଡ଼ ଅଛି'। ମୁଁ କହିଲି, 'ଆଜି ସିନା ଏହି ଅଙ୍କୁରାୟନକୁ ଆସିଥିବାରୁ ତୁମ ସହ ଦେଖା ହେଲା। ଯଦି ମୁଁ ଆଜି ଏହି ଅଙ୍କୁରାୟନ ପରି କାର୍ଯ୍ୟକ୍ରମକୁ ଆସିବାର ସୁଯୋଗ ପାଇନଥାନ୍ତି, ତେବେ ତୁମ ସହ ମୋର କେବେବି ଦେଖା ହୋଇନଥାନ୍ତା।' ସେ କହିଲେ ହଁ, ଏହା ସତ କଥା ଅଟେ। ମୁଁ ଅଙ୍କୁରାୟନକୁ ଆସି ଏଠାକାର ଶାନ୍ତି, ଶୃଙ୍ଖଳା ଏବଂ ସ୍ୱଚ୍ଛ ପରିବେଶ ଦେଖି ବହୁତ ଖୁସି ହେଲି। ଏହି କଥାରେ ବହୁତ ସମୟ ଚାଲିଗଲା ଏବଂ ଆମେ ନିଜ ଗୃହକୁ ଚାଲିଗଲୁ।

✦✦✦

# ତପସ୍ୱିନୀ ସାହୁ

ନବମ ଶ୍ରେଣୀ
ପୁରୁଣା ପୋଶଲ ହାଇସ୍କୁଲ, ପୋଶଲ

## ଏଣୁ ଅଙ୍କୁରାୟନକୁ ଧନ୍ୟବାଦ


ଏ ବିଶ୍ୱର ରଚୟିତା ଯେତେ ପ୍ରାଣୀ ସୃଷ୍ଟି କରିଛନ୍ତି ତା' ମଧ୍ୟରେ ମନୁଷ୍ୟକୁ ଶ୍ରେଷ୍ଠ ସୃଷ୍ଟି ରୂପେ ଗଣନା କରାଯାଏ । ମନୁଷ୍ୟ ପାଖରେ ନିଜର ଶ୍ରେଷ୍ଠ ଗୁଣ ହେଲା ତା'ଣ ବୁଦ୍ଧି, ଚିନ୍ତନ ଶକ୍ତି ଓ ମାନବିକତା । ନିଜର ଚିନ୍ତନ ଶକ୍ତି ଯୋଗୁଁ ସେ ଅନେକ କାର୍ଯ୍ୟ କରିଥାଏ ଓ ନିଷ୍ପତ୍ତି ମଧ୍ୟ ନେଇଥାଏ । ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସମାଜରେ ନିଜର ସମୟ ଅତିବାହିତ କରେ ଓ ସମାଜର ନିତି ନିୟମ ମାନି ଚଳେ । ମନୁଷ୍ୟ ଜନ୍ମ ନେବା ସଙ୍ଗେ ସଙ୍ଗେ ଏ ସମାଜରେ ତା'ର ସମ୍ପର୍କର ମଧ୍ୟ ଜନ୍ମ ହୁଏ । ଯାହା ରକ୍ତର ସମ୍ପର୍କ ତାହାକୁ ସମାଜ ବାପା, ମା', ଭାଇ, ଭଉଣୀ ଆଦି ନାମ ଦେଇଥାଏ । ରକ୍ତର ସମ୍ପର୍କ ପୂର୍ବରୁ ହିଁ ସୃଷ୍ଟ । କିନ୍ତୁ ମନୁଷ୍ୟ ତା'ର ବ୍ୟବହାର, ସ୍ନେହଭାବ ଆଦି ଦ୍ୱାରା ଯେଉଁ ସମ୍ପର୍କ ସୃଷ୍ଟି କରେ ତାହା ତା'ର ହୃଦୟର ସମ୍ପର୍କ । ଏଇ ସମ୍ପର୍କ ଭିତରେ ସବୁଠାରୁ ବଡ଼ ଓ କ୍ୱଚିତ୍‌ପ୍ରାପ୍ତ ସମ୍ପର୍କ ହେଉଛି ବନ୍ଧୁତା ବା ଜଣେ ସାଙ୍ଗ ।

ସାଙ୍ଗ ଯେ କି ବିପଦ-ଆପଦରେ ଆପଣଙ୍କ କାନ୍ଧରେ କାନ୍ଧ ମିଳାଇ ଚାଲିବ । ମନୁଷ୍ୟଟିଏ ନିଜର ସମସ୍ତ ଭାବ ତା'ର ପରିବାର ସହ ବାଣ୍ଟିପାରେନା । ତେଣୁ ସେ ଖୋଜେ ଜଣେ ସାଙ୍ଗଟିଏ । ସାଙ୍ଗ ପାଇବାର ସବୁଠୁ ଭଲ ମାଧ୍ୟମ ହେଲା ଖେଳ ବା କ୍ରୀଡା ମହୋତ୍ସବ ।

ଯେପରିକି ଦେଖାଯାଏ ପ୍ରାୟତଃ କ୍ରୀଡାରେ ଅନେକ ଅଞ୍ଚଳର ଖେଳାଳୀମାନେ ଅଂଶଗ୍ରହଣ କରିଥାନ୍ତି । ସେମାନଙ୍କୁ ଆମେ ଜାଣିନଥାଉ କି ଚିହ୍ନି ନଥାଉ । କିନ୍ତୁ କ୍ରୀଡ଼ାରେ ହିଁ ଆମେ ତାଙ୍କ ସହ ବାର୍ତ୍ତାଳାପ କରିବାର ସୁଯୋଗ ପାଇଥାଉ ଓ ସୃଷ୍ଟି କରିପାରୁ ଗୋଟିଏ ନୂଆ ବନ୍ଧୁତ୍ୱ ।

ମୁଁ ମଧ୍ୟ ସେହିପରି ଏକ କ୍ରୀଡ଼ା ଉତ୍ସବରେ ଗୋଟିଏ ନୂଆ ବନ୍ଧୁ ପାଇଥିଲି । ମୁଁ ଚଳିତ ବର୍ଷ ଅଙ୍କୁରାୟନରେ ଅଂଶଗ୍ରହଣ କଲି । ସେଠାକୁ ବିଭିନ୍ନ ସ୍କୁଲର ଅନେକ ଛାତ୍ରଛାତ୍ରୀ ଆସିଥିଲେ । ସେମାନେ ଭିନ୍ନ ଭିନ୍ନ ଅଞ୍ଚଳରୁ ଆସିଥିଲେ । ମୁଁ ପ୍ରଥମେ ସେମାନଙ୍କ ସହ କିପରି ବାର୍ତ୍ତାଳାପ କରିବି ଜାଣିପାରିଲି ନାହିଁ । ସେମାନଙ୍କ ମଧ୍ୟରୁ ଜଣେ ପିଲା ପ୍ରଥମେ ମୋତେ ମୋର ନାମ ପଚାରିଲା । ମୁଁ ତା'ର ଉତ୍ତର ଦେଇ ତାକୁ ତା'ର ନାଁ ପଚାରିଲି । ସେ କହିଲା, "ମୋ ନାଁ ସୋନାଲୀ ପଟ୍ଟନାୟକ" । ତା'ପରେ ସେ ମୋତେ ମୋର ସ୍କୁଲ ନାଁ ପଚାରିଲେ ଓ ମୁଁ ମଧ୍ୟ ତାଙ୍କ ସ୍କୁଲ ନାଁ ପଚାରିଲି । ଏହିପରି ଭାବରେ ଆମେ କିଛି ସମୟ ମଧ୍ୟରେ ଦୁହେଁ ଦୁହିଁଙ୍କ ସମ୍ପର୍କରେ ଅନେକ କିଛି ଜାଣିଗଲୁ । ତା'ର ଓ ମୋର ଜନ୍ମ ମାସ ଓ ବର୍ଷ ମଧ୍ୟ ସମାନ ଥିଲା । ତା'ର ପସନ୍ଦ ଓ ମୋର ପସନ୍ଦ ମଧ୍ୟ ବହୁତ ମିଶୁଥିଲା । ବାସ୍ ତାଙ୍କୁ ଇତିହାସ ପଢ଼ିବାକୁ ଭଲଲାଗେ ଆଉ ମୋତେ ସାହିତ୍ୟ ଓ ଗଣିତ ।

ଆମେ ପ୍ରାୟ ପନ୍ଦର ମିନିଟ୍ ଧରି ଦୁହେଁ ଦୁହିଁଙ୍କ ବିଷୟରେ କଥାବାର୍ତ୍ତା ହେଲୁ । ସେ କହିଲେ ଯେ ସେ ଦୁଇ ବର୍ଷ ଧରି ଅଙ୍କୁରାୟନରେ ଅଂଶଗ୍ରହଣ କରି ଆସୁଛନ୍ତି । ସେ ପ୍ରତିବର୍ଷ ଏଠାରେ କିଛି ନୂଆ ବନ୍ଧୁ ସୃଷ୍ଟି କରନ୍ତି ।



ସେ ଖୁବ୍ ସରଳ, ମିଷ୍ଟଭାଷୀ ଓ ସୁନ୍ଦର। ସେ ସମସ୍ତଙ୍କ ସହ ଖୁବ୍ ଶୀଘ୍ର ମିଶିଯାଏ। ସେ ମୋତେ ତା'ର ବାପାଙ୍କ ସହ ଦେଖା କରାଇଦେଲା। ତା'ର ବାପା ମଧ୍ୟ ଆସିଥିଲେ।

ସେ ତା'ର ପସନ୍ଦ, ନାପସନ୍ଦ, ଘର-ପରିବାର, ବନ୍ଧୁ-ବାନ୍ଧବ, ସାଙ୍ଗସାଥୀ ସଭିଙ୍କ ବିଷୟରେ ମତେ କିଛି କହିଲା ଓ ମୁଁ ମଧ୍ୟ ତାକୁ କିଛି କହିଲି। ବାସ୍ ଏହି କିଛି ସମୟ ମଧ୍ୟରେ ମୁଁ ମୋ ଜୀବନରେ ଆଉ ଏକ ବନ୍ଧୁ ସୃଷ୍ଟି କରିପାରିଲି ଏହି ଅଙ୍କୁରାୟନ ସମୟରେ।

ସେ ମତେ ଜାଣିନଥିଲା କି ମୁଁ ତାକୁ ଜାଣିନଥିଲି କିନ୍ତୁ ଏହି ଅଙ୍କୁରାୟନର ସ୍ୱଳ୍ପ ସମୟ ଆମ ମଧ୍ୟରେ ଏକ ସୁନ୍ଦର ବନ୍ଧୁତ୍ୱର ସୂତ୍ରପାତ କଲା। ଏହି ସମୟ ଆମପାଇଁ ଖୁବ୍ ମୂଲ୍ୟବାନ ଓ ଫଳପ୍ରଦ ହେଲା। ଏଣୁ ଅଙ୍କୁରାୟନକୁ ଧନ୍ୟବାଦ।

✦✦✦

## ପ୍ରିତମ୍ କୁମାର ନାୟକ

ନବମ ଶ୍ରେଣୀ
ଏଚ୍.ଏମ.ଟି. ବିଦ୍ୟାପୀଠ, ଚିକିଣିଆଁ

## ବନ୍ଧୁତା ଗଢ଼ିବାର ପର୍ବ

ଛୋଟ ଛୋଟ ପିଲାମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ ଓ ପ୍ରତିଭାଚୟନ ନିମନ୍ତେ ପ୍ରାୟ ଦୀର୍ଘ ବାରବର୍ଷ ଧରି ବନ୍ଧୁ ତରଫରୁ ଚାଲୁରହିଛି ଏକ ଆକର୍ଷଣୀୟ କାର୍ଯ୍ୟକ୍ରମ। ପ୍ରାୟ ପଚାଶରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ପିଲାମାନେ ଏଥିରେ ଭାଗ ନିଅନ୍ତି। ସେହି କାର୍ଯ୍ୟକ୍ରମର ନାମ ହେଉଛି "ଅଙ୍କୁରାୟନ"। ଏଠାକୁ ଆସୁଥିବା ପ୍ରାୟ ସମସ୍ତ ଛାତ୍ରଛାତ୍ରୀ ନିଜକୁ ବା ନିଜର ନାମ ସେହି ଅଙ୍କୁରାୟନର ରେଜଲ୍ଟ ବୋର୍ଡରେ ଦେଖିବାକୁ ଚାହାଁନ୍ତି। ଅଙ୍କୁରାୟନ ହାଟରୁ କେତେ କ'ଣ କିଣି ଖାଆନ୍ତି। ନିଜ ବିଦ୍ୟାଳୟର ପିଲାଙ୍କ ସହ ସବୁବେଳେ ମିଶିଲା ପରେ ଅଙ୍କୁରାୟନକୁ ଆସି ବିଭିନ୍ନ ପ୍ରକାର ସାଙ୍ଗ ପାଆନ୍ତି। ମୋର ମଧ୍ୟ ଅଙ୍କୁରାୟନରେ ସେଭଳି କିଛି ଅନୁଭୂତି ରହିଛି। ମୁଁ ପ୍ରାୟ ସାତବର୍ଷ ଧରି ଅଙ୍କୁରାୟନକୁ ଆସୁଛି। ମୋର ବର୍ତ୍ତମାନ ନବମ ଶ୍ରେଣୀ ହୋଇଥିବାରୁ ବୋଧେ ଆଗାମୀ ବର୍ଷର ଅଙ୍କୁରାୟନ ହେବ ମୋ ପାଇଁ ଶେଷ ଅଙ୍କୁରାୟନ। ନିଜ ବିଦ୍ୟାଳୟ ପିଲାଙ୍କ ଛଡା ବିଭିନ୍ନ ବିଦ୍ୟାଳୟର ପିଲା ବା ସାଥୀମାନଙ୍କ ସହ ମିଶି ସାତବର୍ଷ ଧରି ସେହି ସ୍ୱର୍ଗ ସଦୃଶ ପାଇକା ପଠାରେ ବୁଲି ଆଇସ୍‌କ୍ରିମ, ଗୁପ୍‌ଚୁପ୍ ଖାଇବା, ଭାଗନେଇଥିବା ପିଲାମାନଙ୍କୁ ଉତ୍ସାହିତ କରିବାର ଯେଉଁ ଚିର ଉଜ୍ଜୀବୀତ ଅନୁଭୂତି ମୋର ରହିଛି ତାହା ବୋଧେ ମୋର ମରଣ ପର୍ଯ୍ୟନ୍ତ ମନେ ରହିବ! ସାଙ୍ଗ ଗୋଟେ ଏପରି ଜିନିଷ ଯାହା କେଉଁ ହାଟରେ ବିକ୍ରି ହୁଏ ନାହିଁ କି ଖୋଜିଲେ ମିଳିବ ନାହିଁ। ପିଲାଙ୍କ ସହ କିଛି ସମୟ ମିଶିଲା ପରେ ଏହି ସାଙ୍ଗ ଶବ୍ଦଟିର ଅର୍ଥ ଆପେ ଆପେ ଆବିର୍ଭାବ ହୋଇଥାଏ। ଅଙ୍କୁରାୟନକୁ ଆସୁଥିବା ନୂଆସାଙ୍ଗ ମାନଙ୍କ ସହ ମିଶିବା, ସେମାନଙ୍କ ବିଦ୍ୟାଳୟର ସଂସ୍କାର, ପାଠପଢ଼ା ଶୈଳୀ ବିଷୟରେ ସବିଶେଷ ସୂଚନା ପାଇବା ଆଦିର ଅନୁଭୂତି ଅତି ନିଆରା। ନୂଆ ସାଙ୍ଗ ମାନଙ୍କ ସହ ମିଶିଲାପରେ ପୁଣିଥରେ ଫେରିଆସେ ସେହି ବାଳସୁଲଭ ଗୁଣ ବା ପିଲାପଣ। ବିଶେଷ କରି ଅଙ୍କୁରାୟନର ମଧ୍ୟାନ୍ତର

ସମୟରେ ମଞ୍ଚ ନିକଟରେ ବସି ଆମେ ଅନ୍ୟ ବିଦ୍ୟାଳୟର ସାଥୀ ମାନଙ୍କ ସହ ମଜା ମଜଲିସ୍ କରିଥାଉ। ଜାତି, ବର୍ଣ୍ଣ ଭେଦ ଭାବକୁ ପଛରେ ପକାଇ ସମସ୍ତେ ଯେପରି ଏହି ଅଙ୍କୁରାୟନରେ ନୂତନ ସାଙ୍ଗ ସଂଗ୍ରହରେ ଲାଗି ପଡ଼ନ୍ତି ! ନିଜ ବିଦ୍ୟାଳୟର ଶିକ୍ଷକଙ୍କ କଡ଼ା ବାରଣ ସତ୍ତ୍ୱେ ଅନ୍ୟ ବିଦ୍ୟାଳୟମାନଙ୍କରୁ ଆସିଥିବା ପିଲାମାନଙ୍କ ସହ ବନ୍ଧୁବାନ୍ଧିବାକୁ ନିଜ ମନ ଯେପରି ଏକ ଚୁମ୍ବକ ଲୁହାକୁ ଆକର୍ଷିତ କଲାଭଳି ଆକର୍ଷିତ କରିଥାଏ ସେହି ନୂଆ ସାଙ୍ଗ ମାନଙ୍କ ଆଡକୁ। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ପ୍ରତିଯୋଗିତା ସ୍ଥାନ ନିକଟକୁ ମୁଁ ଦୌଡି ଯାଇଥାଏ। ସେମାନେ ମଧ୍ୟ ମୋତେ ସମାନ ଢ଼ଙ୍ଗରେ ଉତ୍ସାହିତ କରିବାକୁ ଆସନ୍ତି। କାରଣ କଥାରେ ଅଛି –

‘ସ୍ନେହ, ଶ୍ରଦ୍ଧା, ମିତ୍ରତା ଯେଉଁଠି
ବନ୍ଧୁତା ବାନ୍ଧିବା ସେଇଠି।’

କିନ୍ତୁ ଦୁଃଖର ବିଷୟ ଯେ ଅଙ୍କୁରାୟନର ସେହି ତିନିଦିନିଆ କାର୍ଯ୍ୟକ୍ରମର ଅନ୍ତ ଘଟିଲେ ସେହି ନୂଆ ନୂଆ ସାଙ୍ଗ ମାନଙ୍କ ମରୁଡି ପଡ଼ିଯାଇଥାଏ। କିଛି ପିଲାମାନଙ୍କ ଫୋନ୍ ନମ୍ବର ଆଣି କଥା ହେଲେ ମଧ୍ୟ ମନେପଡ଼େ ସେହି ଅଙ୍କୁରାୟନର ଅନୁଭୂତି । ଆଖି ଖୋଲିଲା ବେଳକୁ ନଥାଏ ଆଉ ସେହି ପାଇକା ପଠା କି ଭିନ୍ନ ଭିନ୍ନ ପୋଷାକରେ ସୁସଜ୍ଜିତ ସାଙ୍ଗମାନେ। ଆରବର୍ଷକୁ ଆଉ ଦେଖା ହେବ କି ନାହିଁ ଭାବି ଭାବି ଦିନ ସରିଯାଏ ଓ ପୁନର୍ବାର ଧନୁ ସଂକ୍ରାନ୍ତି ଆସେ ଏବଂ ପରଦିନ କେତେ ନୂଆ ସାଙ୍ଗ ମିଳନ୍ତି । ପୁଣି ପୁରୁଣା ସାଙ୍ଗ ହଜିଯାଇଥାନ୍ତି। ଏହି ଅଙ୍କୁରାୟନରେ ମୋତେ ଲାଗେ ଏହା ସତେ ଯେପରି ଏକ ବନ୍ଧୁତା ଗଢ଼ିବାର ପର୍ବ।



# ପ୍ରିତମ୍ କୁମାର ନାୟକ

ଅଷ୍ଟମ ଶ୍ରେଣୀ
ହେମଲତା ଉପ୍ରା ବିଦ୍ୟାଳୟ, ଚିକିଣିଆଁ

## ମୁଁ ଦିନେ ନୁହେଁ ଦୁଇଦିନ ତାଙ୍କ ସହ ଧାନବିଲକୁ ଯାଇଛି

ଆମ ଦେଶ ଭାରତ ଏକ କୃଷି ପ୍ରଧାନ ଦେଶ। ଧାନ ଚାଷରେ ଆମ ଭାରତ ପୃଥିବୀରେ ବର୍ତ୍ତମାନ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ଧାନ ଚାଷ ଆମ ଗାଁ ଗହଳିରେ ପ୍ରାୟ ସତୁରୀ ଶତକଡା ଲୋକଙ୍କର ଜୀବିକା। ମୋ ବାପା ମଧ୍ୟ ତାଙ୍କ ଶିକ୍ଷକତା ସହ ଧାନଚାଷ କରିଛନ୍ତି। ସକାଳୁ ଗଣ୍ଡେ ଚୁଡା ସାଙ୍ଗରେ ନଡ଼ିଆ ଖାଇ ବିଲରେ ପ୍ରାୟ ଗୋଟାଏ ବା ଦୁଇଟା ପର୍ଯ୍ୟନ୍ତ ଟାଣୁଆ ଖରାରେ କାର୍ଯ୍ୟ କରି ବୋଧେ ରାତିରେ ଟିକେ ବିଶ୍ରାମ ନେବାକୁ ଇଛା ହୁଏ ତାଙ୍କର ! ପରିବାର ଓ ପିଲାମାନଙ୍କର ଖର୍ଚ୍ଚ ମେଣ୍ଟାଇବାକୁ ବୋଧେ ତାଙ୍କୁ କଷ୍ଟ ହୁଏ ! ମୁଁ ଦିନେ ନୁହେଁ ଦୁଇଦିନ ତାଙ୍କ ସହ ଧାନ ବିଲକୁ ଯାଇଛି। ବାପା ବିଲରେ କାମ କରୁଥିବା ସମୟରେ ତାଙ୍କ ପାଖକୁ ଖାଇବାକୁ ନେଇ ଯିବାରେ ଯେଉଁ ଆନନ୍ଦ ମୋ ପରି ଯିଏ ଏହି କାମ କରିଥିବ (ମୁଁ ମୋର ସୁପ୍ତ ମାନସର ଲୁପ୍ତ ଅନୁଭୂତିରୁ, ଦୀପ୍ତ ଭାବନାରୁ ଭାବୁଛି) ସେ ଅତି ଆନନ୍ଦରେ ଏହି ଅଭୁଲା ମୂହୁର୍ତ୍ତକୁ ଅନୁଭବ କରିଥିବ।

ମୋ ବାପା ବୋଧେ ତାଙ୍କର ଏହି କାର୍ଯ୍ୟ କରୁଥିବା ସମୟରେ ମନେପକାନ୍ତି କି କ'ଣ ସେହି ଉତ୍କଳମଣି ଗୋପବନ୍ଧୁଙ୍କ ଭାଷାରେ –

"ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ
କର୍ମେ ଜିଏ ନର କର୍ମ ଏକା ତାର ଜୀବନର ମାନଦଣ୍ଡ।"

ବାପା କାମ କରୁଥିବା ସମୟରେ ପାଣିରେ ଛୋଟିଆ ଧଣ୍ଡ ସାପଟିକୁ ଦେଖି ଡରିଯାଇ, ସେଇ ବିଲ କାଦୁଅ ପାଣିରେ ପଡ଼ି ଓଦା ସରସର ହୋଇଯିବା ଓ ବାପା କାର୍ଯ୍ୟ କରୁଥିବା ସମୟରେ ବିଲରେ ଥିବା ଛୋଟ ଛୋଟ କଙ୍କଡ଼ା ଓ ମାଛ ଧରିବାର ଆନନ୍ଦ ନିଆରା। ପ୍ରତିବର୍ଷ ଧାନ କଟା ସମୟରେ ବିଦ୍ୟାଳୟ ଛୁଟି ଥାଏ। ଏହି ସମୟରେ ବାପା ଧାନ କାଟୁଥିବା ସମୟରେ ତାଙ୍କୁ କିଛି ସାହାଯ୍ୟ କରିବାର ଅନୁଭୂତି ମୋର ଏକ ସ୍ମରଣୀୟ ମୁହୂର୍ତ୍ତ।

✦✦✦



# ରୂପାଲି ସତ୍ୟସ୍ୱରୂପା


ଅଷ୍ଟମ ଶ୍ରେଣୀ
ବିଶ୍ୱନାଥପୁର ଉପ୍ରା ବିଦ୍ୟାଳୟ

## ଧାନବିଲ ହେଉ କି ବଣ ଜଙ୍ଗଲର ସୌନ୍ଦର୍ଯ୍ୟ, ଏ ସବୁହିଁ ଗାଁର ବିଶେଷତ୍ୱ

ଆମ ଗାଁର ନାମ ପୁରୁଣା ଗୋପିନାଥପୁର। ସବୁଜିମାରେ ପରିପୂର୍ଣ୍ଣ। ଚାରିପଟେ ଖାଲି ବଣବୁଦା ଓ ଜଙ୍ଗଲରେ ଭରା। ଆମ ଘରଟି ଗାଁର ବାମପାର୍ଶ୍ୱରେ ଏକ ଜନଗହଳିପୂର୍ଣ୍ଣ ସାହିରେ। ସେଠି ଆମ ଛୋଟ ପରିବାର। ଆମ ଘର ପାଖରେ ଏକ ସବୁଜିମାପୂର୍ଣ୍ଣ ଧାନବିଲଟିଏ ଅଛି। ମୁଁ କେବେକେବେ ସେଠିକୁ ବୁଲିବାକୁ ଯାଏ। ଦିନେ ବାପାଙ୍କ ସହ ଧାନବିଲକୁ ଯାଇଥିଲି। ତା'ର ଅନୁଭୂତି ଥିଲା ସଂପୂର୍ଣ୍ଣ ନିଆରା। ବାପାଙ୍କ ସହ ସେଠିକୁ ଯେବେ ପ୍ରଥମ କରି ଗଲି, ଦେଖିଲି ଧାନଗୁଡ଼ିକ ସ୍ୱର୍ଣ୍ଣଫଳ ଭଳି ଫଳିଛି। ସେଠି ଚାଷୀଭାଇ ଧାନ କାଟୁଛି। ଧାନକୁ ମଧ୍ୟ ବୋହିକରି କେତେଜଣ ଚାଷୀଭାଇ ନେଉଥାନ୍ତି। ଧାନବିଲରେ ଗାଈଗୋରୁ ପଶି ସେଇ ଧାନଗୁଡ଼ାକୁ ଖାଇବାକୁ ଚେଷ୍ଟା କଲାବେଳେ ଚାଷୀ ଗାଈମାନଙ୍କୁ ଘଉଡ଼ାଇ ଦେଉଥାଏ। ବାପାଙ୍କ ସହ ଯେବେ ସଂପୂର୍ଣ୍ଣ ଧାନବିଲ ବୁଲିଲି, ସେତେବେଳେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାର ସୁଯୋଗ ମିଳିଲା। ପ୍ରକୃତିର ସେ ଅପରୂପ ସୃଷ୍ଟି, ମୋ ହୃଦୟରେ ଆନନ୍ଦ ଭରି ଦେଇଥିଲା। ମୁଁ ଯେବେ ଯେବେ ସେ ଶୀତଳ ମଳୟ ପବନ ସ୍ପର୍ଶରେ ଦୋହଲୁଥିବା ଧାନଗଛ ଗୁଡ଼ିକୁ ଦେଖୁଥିଲି, ମୋ ମନରେ ନୂତନ ଉନ୍ମାଦନା ସୃଷ୍ଟି ହେଉଥିଲା। ଧାନବିଲକୁ ମୁଁ ପୂର୍ବରୁ କେବେ ଯାଇନଥିଲି। ମାତ୍ର ପ୍ରଥମକରି ଯେବେ ବାପାଙ୍କ ସହ ଗଲି, ମୋତେ ଗୋଟେ ନୂଆ ଶିକ୍ଷା ମଧ୍ୟ ମିଳିଲା। ବାପା ଧାନବିଲରେ ବୁଲୁଥାନ୍ତି। ମୋତେ ସେ ଧାନବିଲରେ କିଛି କିଛି କଥା କହୁଥାନ୍ତି। ସେ କହୁଥାନ୍ତି, "ଦେଖ୍, ଏ ଧାନବିଲଟା କେତେ ସୁନ୍ଦର ଦେଖାଯାଉଛି। ଏମିତି ପ୍ରକୃତିର ସୃଷ୍ଟି।" ଧାନବିଲରେ ତ ଆମର କିଛି କାମ ନଥାଏ। ମାତ୍ର ସେ ଜାଗାକୁ ଯାଇ କିଛି ଦେଖିବା, ବୁଲିବା ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ହିଁ ଥାଏ ଉଦ୍ଦେଶ୍ୟ। ଏମିତି ତ କେତେଲୋକ କେତେ ଜାଗା ବୁଲିବାକୁ ଯାଆନ୍ତି। ମାତ୍ର ସମସ୍ତେ ସବୁଠି ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାକୁ ପାଆନ୍ତିନି। ସହରାଭିମୁଖୀ ଲୋକେ ଗାଁ ଛାଡି ସହରକୁ ଗଲେଣି। ମାତ୍ର ଗାଁର ଏଇ କେତୋଟି ଦୁର୍ଲଭ ଜିନିଷ ସେମାନେ ଦେଖିବାକୁ ପାଆନ୍ତିନି। ଧାନବିଲ ହେଉ କି ବଣଜଙ୍ଗଲର ସୌନ୍ଦର୍ଯ୍ୟ, ଏଇ ସବୁ ହିଁ ଗାଁର ବିଶେଷତ୍ୱ। ବାପାଙ୍କ ସହ ଧାନବିଲରେ ଦିନେ ଯାଇ ବୁଲିବାର ଅନୁଭୂତି ମୋ ଜୀବନର ଏକ ଅପୂର୍ବ ଓ ଅଲିଭା ଅନୁଭୂତି। ଏ ଅନୁଭୂତି ମୋତେ କିଛି ନୂଆ ଶିକ୍ଷା ଦେଇଛି।

✦✦✦





# ଶୁଭଶ୍ରୀ ରାଉତ

ଅଷ୍ଟମ ଶ୍ରେଣୀ
ରାଏସର ଖରିଶାଣ ହାଇସ୍କୁଲ୍, ରାଏସର

## ମୁଁ କହିଲି, 'ତୁମେ ଧାନକଟା ଶିଖିଲ କେଉଁଠୁ ?' ବାପା କହିଲେ, 'ମୋ ବାପାଙ୍କ ଠାରୁ'

ମୋର ନାମ ଶୁଭଶ୍ରୀ ରାଉତ। ମୋର ବାପାଙ୍କ ନାମ ଶିବଚରଣ ରାଉତ। ଅବଶ୍ୟ ସେ ଗୋଟିଏ କମ୍ପାନୀରେ ଚାକିରୀ କରିଛନ୍ତି। କିନ୍ତୁ ସେ ଗ୍ରାମରେ ଜେଜେଙ୍କ ସହ ବିଲରେ ବିଭିନ୍ନ ଫସଲ ଚାଷ କରନ୍ତି। ସେ ହେଉଛନ୍ତି ବଡ଼ ପରିଶ୍ରମୀ। ଦିନେ ରବିବାର ଥିଲା। ମୋର ସ୍କୁଲ ଛୁଟି ଥିଲା। ମୁଁ ଘରେ ବସି ବସି ବିରକ୍ତ ହେଉଥିଲି। ବାପା ଘରକୁ ଆସିଥିଲେ। ସେ ମୋତେ ତାଙ୍କ ସହିତ ଧାନବିଲକୁ ଆସିବା ପାଇଁ କହିଲେ। କିନ୍ତୁ ମୁଁ ପ୍ରଥମେ ପ୍ରଥମେ ମନା କରୁଥିଲି। କିନ୍ତୁ ମୋତେ ବାପା ବାଧ କରିବାରୁ ମୁଁ ଧାନ ବିଲକୁ ଯିବା ପାଇଁ ବାହାରିଲି। ମୁଁ ଯିବାପରେ ଜାଣିଲି ବିଲକୁ ଆସିବା କେତେ ମଜା। ଧାନ ବିଲରେ ପବନରେ ଦୋଳି ଖେଳୁଥିବା ଧାନଗଛ ଓ ଗ୍ରାମର କୃଷକ ଧାନ ବିଲରେ କାମ କରୁଥିବାର ଦୃଶ୍ୟ ଅତି ଆନନ୍ଦଦାୟକ ଥିଲା। ବାପା ପ୍ରଥମେ ଆମ ବିଲକୁ ଗଲେ ଏବଂ ଧାନ କାଟିବା ଆରମ୍ଭ କରିଦେଲେ। ମୁଁ ଏହା ଦେଖି ପଚାରିଲି- "ବାପା" ତୁମେ ଏ କ'ଣ କରୁଛ ? ବାପା କହିଲେ "ଧାନ କାଟୁଛି"। ମୁଁ କହିଲି ତୁମେ ଧାନ କଟା ଶିଖିଲ କେଉଁଠୁ ? ବାପା କହିଲେ, 'ମୋ ବାପାଙ୍କ ଠାରୁ'। ମୁଁ କହିଲି ବାପା ମୋତେ ଟିକେ ଶିଖେଇ ଦେଲେ ଭଲ ହୁଅନ୍ତା ! ବାପା କହିଲେ ତୁ ଛୋଟ ପିଲା। ବଡ଼ ହୋଇଯା, ଧାନ କାଟିବା ଶିଖେଇ ଦେବି। ମୁଁ ଜିଦ୍ କରିବାରୁ ବାପା ଧାନ କାଟିବା ଶିଖେଇବା ଆରମ୍ଭ କରିଦେଲେ। ତା'ପରେ ଧାନ ବୁହାଇବା ମଧ୍ୟ ଶିଖେଇଦେଲେ। ତା'ପରେ ବାପା ଓ ମୁଁ ଦୁହେଁ ଧାନ କାଟିଲୁ ଓ ବୋହିଲୁ। ହେଲେ ମୁଁ ବାପାଙ୍କ ଠାରୁ ଧାନ କମ୍ ବୋହିପାରିଲି। ବହୁତ ନୁହେଁ। ମୁଁ ବାପାଙ୍କୁ ବହୁତ ଧାନ ବୋଝ ଦେବାପାଇଁ କହିଲି, ହେଲେ କ'ଣ ହେବ ବାପା ଦେବା ପାଇଁ ସିଧା ସିଧା ମନା କରିଦେଲେ। ଆଉ ମୁଁ ଧାନ ମଧ୍ୟ କାଟିପାରିଲି ନାହିଁ। ମୋତେ ତ ଧାନ କାଟିବା ଜଣା ନାହିଁ। ବାପା ମୋତେ ଶିଖେଇଲେ ମଧ୍ୟ ମୁଁ କ'ଣ କରିବି ମୁଁ ତ ପୁରାପୁରି ଶିଖିନି ନା ! ତେଣୁ ମୁଁ ବାପାଙ୍କ ସହିତ ଧାନ କାଟିପାରିଲିନି । କିନ୍ତୁ ବାପାଙ୍କ ସହିତ ରହିଲି ଧାନ କଟା ଶେଷ ପର୍ଯ୍ୟନ୍ତ। ତେଣେ ସୂର୍ଯ୍ୟ ବୁଡ଼ି ଆସୁଥିଲେ। ମା' ରାଗିବେଣି । ତେଣୁ ବାପା ମୋତେ ଘରକୁ ଯିବା ପାଇଁ କହିଲେ । କିନ୍ତୁ ମୁଁ ଯିବା ପାଇଁ ଅମଙ୍ଗ ହେଲି। କାରଣ ମୋତେ ଧାନକଟା, ଧାନ ବାଡ଼େଇବା ଓ ଧାନ ବୋହିବା ଇତ୍ୟାଦି ଦେଖିବାର ଥିଲା। ସେଦିନ ମୋର ଥିଲା ବାପାଙ୍କ ସହିତ ଏକ ସ୍ମୃତି ଓ ସ୍ମରଣୀୟ ଦିନ। ମୁଁ ସେଦିନ ବହୁତ ଖୁସି ଥିଲି। ବାପାଙ୍କ ସହିତ ଗୋଟେ ଦିନ, ପୁଣି ଧାନ ବିଲରେ; ବହୁତ ମଜା ଲାଗିଲା। ମୁଁ ମୋ ବାପାଙ୍କୁ ଅଧିକ ଭଲପାଏ ଓ ବାପାଙ୍କ ସହିତ ଯାଇଥିବା ସ୍ଥାନଗୁଡିକୁ ମଧ୍ୟ ବହୁତ ଭଲପାଏ। ମୁଁ ସେ ଦିନକୁ କେବେ ଭୁଲିପାରିବି ନାହିଁ। ଧାନ ବିଲଟି ଅତି ସୁନ୍ଦର ହୋଇଥାଏ, ମୋର ସେହି ଦିନଟି ଜୀବନର ସବୁଠାରୁ ପ୍ରିୟ ଦିନ ଅଟେ। ତେଣୁ ମୋର ସମସ୍ତଙ୍କୁ ଅନୁରୋଧ ବାପାଙ୍କ ସହିତ ନ ହେଲେ ମଧ୍ୟ ଯାହା ସହିତ ହେଲେବି ଧାନ ବିଲକୁ ଥରେ ମାତ୍ର ଦେଖି ଆସନ୍ତୁ।

✦✦✦





# 'ବନ୍ଧୁ' ଆନନ୍ଦକେନ୍ଦ୍ର

@û^¦eê @ûe¸




# ଆନନ୍ଦକେନ୍ଦ୍ର

ବନ୍ଧୁ ଆନନ୍ଦକେନ୍ଦ୍ର, ସଂକ୍ଷିପ୍ତରେ କେନ୍ଦ୍ର, ସମସ୍ତ ସମ୍ଭାବ୍ୟ ପ୍ରକାରରେ ବିଦ୍ୟାଳୟ ଶିକ୍ଷାର ସମ୍ବର୍ଦ୍ଧନ ପାଇଁ ପରିକଳ୍ପିତ। ଗ୍ରାମାଞ୍ଚଳରେ ଏମିତି ପିଲାମାନେ ଅଛନ୍ତି ଯେଉଁମାନଙ୍କର ବାପା ମାଆ ସେମାନଙ୍କ ପାଠପଢ଼ା ପ୍ରତି ଆବଶ୍ୟକ ଧାନ ଦେବା ପାଇଁ ଅସମର୍ଥ ବା ଅନିଚ୍ଛୁକ। ଏହି ଅନୁଭବ ଆଧାରରେ ସେଇପରି ପିଲାମାନଙ୍କୁ ସଫଳତାର ସହ ବିଦ୍ୟାଳୟ ଶିକ୍ଷା ସମ୍ପନ୍ନ କରିବାରେ ସାହାଯ୍ୟ କରାଯିବା ଉଚିତ ବୋଲି ମନେ କରାଯାଏ। କେବଳ ପରୀକ୍ଷାରେ ଭଲ ନମ୍ବର ରଖିବା ନୁହେଁ ବରଂ ମୌଳିକ ବିଷୟଗୁଡ଼ିକୁ ସ୍ପଷ୍ଟଭାବେ ବୁଝିବା ଏହି ସଫଳତାର ମାପକାଠି। ଯାହା ଏ ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ, ତାହାହେଲା, ଜୀବନର ଏକ ନମନୀୟ ଅବସ୍ଥାରେ ଶିଶୁର ସାମଗ୍ରିକ ବିକାଶ (ବ୍ୟକ୍ତିଗତ-ସାମାଜିକ- ଆଧ୍ୟାତ୍ମିକ) ନିମନ୍ତେ ଶିଶୁକୁ ସାହାଯ୍ୟ କରିବା। ତାହା ସହ ନିୟମିତ ହସି, ଖେଳି, ଗୀତଗାଇ ଏତକ ନିଶ୍ଚିତ କରେଇବାରେ ପ୍ରୟାସରତ 'ବନ୍ଧୁ'। ସମାଜ ସହ ଏକାତ୍ମ ହେବା, ଜୀବନ ପ୍ରତି ଏକ ବ୍ୟାପକତର, ଗଭୀରତର ଏବଂ ପ୍ରାୟୋଗିକ ଦୃଷ୍ଟିକୋଣ ରଖି ସେବା କରିବାକୁ ତତ୍ପର ହେବା ପରି 'ବନ୍ଧୁ'ର ବିଚାର ଗୁଡ଼ିକର ଜୀବନ୍ତ ପରିପ୍ରକାଶ ହୋଇଉଠିବା, ସେମାନଙ୍କ ଠାରୁ ଆଶା କରାଯାଇପାରେ। ଜୀବନକୁ ଗ୍ରହଣ କରି, ତାକୁ ସମ୍ମୁଖିନ ହୋଇ, ତା'ର ସମସ୍ତ ଘାତ ପ୍ରତିଘାତକୁ ଅତିକ୍ରମ କରି ସାର୍ଥକତାର ସମସ୍ତ ସମ୍ଭାବନା ଗୁଡ଼ିକୁ ରୂପ ଦେବା ପାଇଁ ସେମାନେ ପ୍ରସ୍ତୁତ ହୋଇପାରନ୍ତୁ - ଏହା ହିଁ ଉଦ୍ଦେଶ୍ୟ। ବିଦ୍ୟାଳୟ ସମୟ ନିର୍ଘଣ୍ଟ ବାହାରେ ବିଦ୍ୟାଳୟ ଶିକ୍ଷାର ପରିପୂରକ ହିସାବରେ କାମ କରିବା ପାଇଁ ଆନନ୍ଦକେନ୍ଦ୍ରର ରଚନା। ଆନନ୍ଦକେନ୍ଦ୍ର ଅଧାରୁ ପାଠଛାଡ଼ି ଦେଉଥିବା ପିଲାମାନଙ୍କ ସଂଖ୍ୟା କମାଇପାରିବ ବୋଲି ଆଶା କରାଯାଏ। ଏହି ପ୍ରକ୍ରିୟାରେ ଚିହ୍ନିତ ହେଉଥିବା ଗରିବ ଓ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଆବଶ୍ୟକ ସାହାଯ୍ୟ ମଧ୍ୟ ଯୋଗାଇଦେବା ପାଇଁ 'ବନ୍ଧୁ'ର ଚେଷ୍ଟା ଜାରି ରହିବ।

ପ୍ରତି ରବିବାର ସକାଳେ, ଯୋଗାଭ୍ୟାସ, ଆନନ୍ଦପ୍ରଦ ଖେଳ, ପ୍ରେରଣାଦାୟୀ ଗୀତ ଏବଂ ଗଳ୍ପକଥନ ମାଧ୍ୟମରେ ପିଲାମାନଙ୍କ ଶାରିରୀକ, ଭାବନାତ୍ମକ ଓ ଆଧ୍ୟାତ୍ମିକ ବିକାଶ ନିଶ୍ଚିତ କରେଇବାର କାର୍ଯ୍ୟକ୍ରମ ହୋଇଥାଏ। ତା ଛଡ଼ା ପ୍ରତ୍ୟେହ ଦୁଇ ଘଣ୍ଟାର ପାଠପଢ଼ା ଆନନ୍ଦକେନ୍ଦ୍ର କାର୍ଯ୍ୟସୂଚୀରେ ଅନ୍ତର୍ଭୁକ୍ତ। ମହାବିଦ୍ୟାଳୟରେ ପଢୁଥିବା ବା ପଢ଼ା ସାରିଥିବା ଯୁବକ ଯୁବତୀ ମାନଙ୍କ ଦ୍ୱାରା ଏହି ଆନନ୍ଦକେନ୍ଦ୍ର ଗୁଡ଼ିକ ପରିଚାଳିତ ହୁଅନ୍ତି।

ଆନନ୍ଦକେନ୍ଦ୍ରର ସ୍ଥାନ ନିରୁପଣ ସମୟରେ ସେଠାକାର ଲୋକମାନଙ୍କର ଶୈକ୍ଷିକ, ସାମାଜିକ ଓ ଆର୍ଥିକ ଅବସ୍ଥା ବିଚାରକୁ ନିଆଯାଇଥାଏ। ଆବଶ୍ୟକ ସର୍ବେକ୍ଷଣ ଓ ତା'ର ଅନୁଶୀଳନ ପରେ ସ୍ଥାନ ନିରୁପଣ କରାଯାଇଥାଏ।

ଆନନ୍ଦ କେନ୍ଦ୍ରର ଆଚାର୍ଯ୍ୟ / ଆଚାର୍ଯ୍ୟା ଆନନ୍ଦକେନ୍ଦ୍ର ପରିଚାଳନା ସହ ସେମାନେ 'ବନ୍ଧୁ'ର ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଗାଁରେ ସକରାତ୍ମକ ପରିବର୍ତ୍ତନର ବାହକ ହେବେ, ଏଇ ଆଶା ରଖାଯାଏ। ଆନନ୍ଦକେନ୍ଦ୍ର ନିମନ୍ତେ ଆବଶ୍ୟକ ସ୍ଥାନର ବ୍ୟବସ୍ଥା ଗାଁର ଲୋକମାନେ ସ୍ୱେଚ୍ଛାକୃତ ଭାବେ କରିଥାନ୍ତି।



## ତଥ୍ୟରେ ବନ୍ଧୁ ଆନନ୍ଦକେନ୍ଦ୍ର

| | ସ୍ଥାନ | ପୁଅ | ଝିଅ | ଆଚାର୍ଯ୍ୟ/ଆଚାର୍ଯ୍ୟା |
|---|---|---|---|---|
| ୧. | ଲଙ୍କାପଡ଼ା, ଜଗତସିଂହପୁର | ୧୮ | ୪ | ବିଜୟଲକ୍ଷ୍ମୀ ମଲିକ<br>ଜ୍ୟୋତିର୍ମୟୀ ସାହୁ |
| ୨. | କହଣା, କେନ୍ଦ୍ରାପଡ଼ା | ୧୯ | ୧୨ | କାଜଲ ନାୟକ<br>ପୂଜା ମଲିକ |
| ୩. | କୋଳିପଦା, କେନ୍ଦ୍ରାପଡ଼ା | ୧୨ | ୪ | ସୁନିଲ ସେଠୀ |
| ୪. | ଭଦାଳ, କେନ୍ଦ୍ରାପଡ଼ା | ୧୩ | ୧୦ | ରାଧାଗୋବିନ୍ଦ ଲେଙ୍କା |
| ୫. | ସଲବା, ଯାଜପୁର | ୧୬ | ୯ | ଦମୟନ୍ତୀ ଜେନା<br>ମନୋଜ କୁମାର ସାହୁ |
| ୬. | ଶିଖରପୁର, ନୟାଗଡ଼ | ୧୭ | ୦ | ଶରତ ଚନ୍ଦ୍ର ମନ୍ତ୍ରୀ |
| | **ମୋଟ** | **୯୫** | **୩୯** | |
| | **ମୋଟ** | **୧୩୪ ଜଣ ପିଲା, ୯ଜଣ ଆଚାର୍ଯ୍ୟ ଆଚାର୍ଯ୍ୟା, ୪ଟି ଜିଲ୍ଲା** | | |

**ଦାୟିତ୍ୱରେ** : ରାଧାଗୋବିନ୍ଦ ଲେଙ୍କା

**ପରିପାଳକ** : ବିଶ୍ୱକାମ ମିଶ୍ର, ରାଜେନ୍ଦ୍ର ପ୍ରସାଦ ବଡ଼ପଣ୍ଡା, ମୋନାଲିସା ପ୍ରିୟଦର୍ଶିନୀ ପୃଷ୍ଟି ନିହାର ରଂଜନ ଜେନା, ଡଃ ଏସ.ମନିକନ୍ଦନ, ଡଃ ଭରତ ରାମକୁମାର

## ବନ୍ଧୁ ଆନନ୍ଦକେନ୍ଦ୍ର ପାଇଁ

ନିଜ ଗାଁ ପ୍ରତି ଶଦ୍ଧାଶୀଳ ମଣିଷ ମାନେ ଅଛନ୍ତି; ଯଥେଷ୍ଟ ସଂଖ୍ୟାରେ। ସେଇମାନଙ୍କ ଶୁଭେଚ୍ଛା, ସମ୍ବଳ ଓ ସମୟର ସଂଗଠିତ ଶକ୍ତିକୁ ଗାଁ ର ସାମଗ୍ରିକ କଲ୍ୟାଣ ପାଇଁ ଯୋଜନାବଦ୍ଧ ଭାବରେ ବିନିଯୋଗ କରିବା ନିମିତ୍ତ ଯୁବଚେତନାର ସଂଗଠନ 'ବନ୍ଧୁ' ସମର୍ପିତ। ସ୍ୱରାଜ, ସଂସ୍କାର ଓ ସ୍ୱାବଲମ୍ବନ ମାଧ୍ୟମରେ ଗ୍ରାମ୍ୟ ଗରିମାର ପୁନଃପ୍ରତିଷ୍ଠା ହିଁ ଉଦ୍ଦେଶ୍ୟ। ପ୍ରତ୍ୟେକ ଗାଁରେ ୬ରୁ ୧୪ ବର୍ଷର ପିଲାମାନଙ୍କ ପୂର୍ଣ୍ଣାଙ୍ଗ ବିକାଶକୁ ନିଶ୍ଚିତ କରେଇବା ନିମନ୍ତେ 'ଆନନ୍ଦକେନ୍ଦ୍ର' ମାନ ଖୋଲାହେବାକୁ ଯାଉଛି। ଏହାର ଦାଇତ୍ୱ ନେବାପାଇଁ ଉତ୍ସାହୀ ଯୁବକଯୁବତୀମାନଙ୍କୁ ଆହ୍ୱାନ କରୁଛି 'ବନ୍ଧୁ'। ମନୋନୀତ ପ୍ରାର୍ଥିମାନଙ୍କୁ ମୌଳିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯିବ।

ସଂପର୍କ - **ରାଧାଗୋବିନ୍ଦ ଲେଙ୍କା**
*ସହ ସମ୍ପାଦକ, ବନ୍ଧୁ*
*ଦୂରଭାଷ : ୭୮୭୩୬୬୧୭୭୦*

# ଏକ ସୁନ୍ଦର କଳ୍ପନାର ସଫଳ ରୂପାୟନ

ସୁଜିତ୍ ମଲ୍ଲିକ


**ବାପା, ମାଆ ଓ ନିଜର ଗାଁର ନାମ ଉଚ୍ଚରେ ରଖନ୍ତୁ ।**

ପାଇକା ନଦୀର କୂଳେକୂଳେ ଜଗତସିଂହପୁର ଜିଲ୍ଲାସ୍ଥିତ ଲଙ୍କାପଡ଼ା ଗ୍ରାମର ସମସ୍ତ ଲୋକମାନଙ୍କୁ ନେଇ ଏକ "ବନ୍ଧୁ" ସଂଗଠନ କରାଯାଇଛି । ଏହି ସଂଗଠନ ଲଙ୍କାପଡ଼ା ଗ୍ରାମରେ ଏକ "ବନ୍ଧୁ ଆଶ୍ରମ" ତିଆରି କରିଛି । ଏଠାକୁ ପ୍ରତ୍ୟେକ ରବିବାର ଦିନ ସକାଳ ଛଅଟା ସମୟରେ ଆଖପାଖ ଗ୍ରାମର ପିଲାମାନେ ଆସି ଥାଆନ୍ତି, "ସଂସ୍କାର ବର୍ଗ" ରେ ଅଂଶଗ୍ରହଣ କରିବା ପାଇଁ । ଏହି "ସଂସ୍କାର ବର୍ଗ"ରେ ପାଖାପାଖି ୨୫ରୁ ୩୦ ପିଲା ଆସି ଥାଆନ୍ତି । ଏଥିରେ ମୁଖ୍ୟତଃ ତିନୋଟି କାର୍ଯ୍ୟ କରାଯାଇଥାଏ । ଯଥା (କ) କାହାଣୀ (ଖ) ଖେଳ ଓ (ଗ) ଗୀତ । ଦେହକୁ ସୁସ୍ଥ ରଖିବା ପାଇଁ ଏଠାରେ ପିଲାମାନଙ୍କୁ ଆସନ, ଯୋଗ ଓ ସୂର୍ଯ୍ୟ ନମସ୍କାର ଶିକ୍ଷା ଦିଆଯାଉଛି । ଏହି "ବନ୍ଧୁ" ସଂଗଠନର ଜଣେ ଭାଇ, ରାଧାଭାଇ ରହିଛନ୍ତି । ସେ ଆମମାନଙ୍କୁ ଅନେକ ଖେଳ, ଗପ, ଗୀତ ମଧ୍ୟ ଶିଖାଇଥାନ୍ତି । ଆମମାନଙ୍କୁ ସଂଗଠନ ଖେଳ, ମହାପୁରୁଷ ଜୀବନୀ କଥା ଓ ଦେଶାତ୍ମବୋଧକ ଗୀତ ଶିଖାଇଥାନ୍ତି । ଆମ୍ଭେମାନେ ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ଏହି "ବନ୍ଧୁଆଶ୍ରମ"ରେ ପ୍ରାର୍ଥନା କରିଥାଉ । ପ୍ରାର୍ଥନା ସରିବାପରେ ସେଠାରେ ଆମ୍ଭେମାନେ ପାଠ ପଢ଼ିଥାଉ । ସେଠାରେ ରାଧାଭାଇ, ମୁନୁଦିଦି ଓ ଝୁନାଦିଦି ଆମମାନଙ୍କୁ ପାଠ ପଢ଼ାଇଥାନ୍ତି । ଏବଂ ସେଠାରେ ଅନେକ ବହି ଗୁଡ଼ିକ ରହିଛି । ସେହି ବହି ଗୁଡିକ ପଢ଼ିବା ପାଇଁ ରବିବାର ଦିନ ପିଲାମାନେ ଯାଆନ୍ତି । ଏହି ବନ୍ଧୁ ସଂଗଠନରେ ରାଧାଭାଇଙ୍କ ଛଡ଼ା ଅନେକ ଭାଇ ଆସିଥାନ୍ତି ଯଥା ତାରାକାନ୍ତ ଭାଇ, ମୁନୁଭାଇ, ମାନସ ଭାଇ, ଶୁସାଭାଇ, ଜୟଦେବ ଭାଇ ଓ ମନୋଜ ଭାଇ । ସେମାନେ ଆମ୍ଭମାନଙ୍କୁ ପାଠ ପଢ଼ାଇବାକୁ ଆସିଥାନ୍ତି । ଏଠାକୁ ଆସି ଆମ୍ଭେମାନେ ଜାଣି ନଥିବା ଜିନିଷ ଜାଣିଥାଉ । ଏହି ଆଶ୍ରମରେ ବିଭିନ୍ନ ବିଶେଷ ପରୀକ୍ଷା ଦେବା ପାଇଁ ପିଲାମାନଙ୍କୁ ପ୍ରସ୍ତୁତ ମଧ୍ୟ କରାଯାଏ । ଏହି ବନ୍ଧୁ ସଂଗଠନ ଦ୍ୱାରା "ଅଙ୍କୁରାୟନ" ଆୟୋଜିତ ହୋଇ ଆସୁଛି । ଏହି ଅଙ୍କୁରାୟନକୁ ଅନେକ ପିଲା ମଧ୍ୟ ଆସନ୍ତି । ମୁଁ ଆଶା କରୁଛି କି ଏହି ବନ୍ଧୁ ଆଶ୍ରମ ଓ ଅଙ୍କୁରାୟନକୁ ଆହୁରି ମଧ୍ୟ ଅଧିକ ପିଲା ଆସନ୍ତୁ । ଏଠାକୁ ଆସି ସମସ୍ତେ ଶିକ୍ଷିତ ହୁଅନ୍ତୁ । ବାପା, ମାଆ ଓ ନିଜର ଗାଁର ନାମ ଉଚ୍ଚରେ ରଖନ୍ତୁ ।

"ସୁନ୍ଦର କଳ୍ପନାର ସଫଳ ରୂପାୟନ ଅଙ୍କୁରାୟନ ଓ ବନ୍ଧୁ"

***ଦଶମ ଶ୍ରେଣୀ***
*ରାଏସର ଖରିଶାଣ ଉଚ୍ଚ ବିଦ୍ୟାଳୟ,*
*ଓ ଆନନ୍ଦ କେନ୍ଦ୍ର, ଲଙ୍କାପଡ଼ା*

✦✦✦



# ସଂସ୍କାରବର୍ଗ


**ମାନସ ମଲ୍ଲିକ**

**ମୁଁ ଅନ୍ୟ ପିଲାମାନଙ୍କୁ ଅନୁରୋଧ କରୁଛି ସେମାନେ ମଧ୍ୟ ସଂସ୍କାର ବର୍ଗକୁ ଆସି ଏହିସବୁ ଭଲ କଥା ଶିଖନ୍ତୁ ଓ ଏହାର ଆନନ୍ଦ ନିଅନ୍ତୁ।**

ପାଇକା ନଦୀର କୂଳେକୂଳେ, କୋଇଲିର କୁହୁକୁହୁ ଗୀତରେ ମୁଖର ଲଙ୍କାପଡ଼ା ଗ୍ରାମରେ ମା ବିଲେଇ ଶୁଣୀ ମନ୍ଦିର ନିକଟରେ ଥିବା ବନ୍ଧୁ ଆଶ୍ରମରେ ପ୍ରତି ରବିବାରରେ ସଂସ୍କାର ବର୍ଗ କରାଯାଉଛି। ମୁଁ ପ୍ରତି ରବିବାର ଏଠାକୁ ଆସେ ଓ ଅନ୍ୟ ପିଲାମାନେ ମଧ୍ୟ ଆସନ୍ତି। ଏହି ସଂସ୍କାର ବର୍ଗରେ ଆମେମାନେ ଭଲ କଥା ଓ ଭଲ କାମମାନ ଶିଖିଥାଉ।ଏଠାରେ ପ୍ରଥମେ ତିନି ଓଁ କାର, ଶାନ୍ତି ପାଠ ଓ ପ୍ରାଣାୟାମ କରାଯାଏ। ଏହାପରେ ଯୋଗ ଓ ସୂର୍ଯ୍ୟ ନମସ୍କାର ହୁଏ। ଏହି ସୂର୍ଯ୍ୟ ନମସ୍କାରରେ ବାରଟି ଆସନ ରହିଛି ଏବଂ ବାରଟି ମନ୍ତ୍ର ରହିଛି। ଏହାପରେ ନୂଆ ନୂଆ ଖେଳ ହୁଏ। ଏହି ଖେଳ ଆମେମାନେ ମିଳିମିଶି ସଂଗଠିତ ଭାବରେ ଖେଳିଥାଉ। ସଂସ୍କାର ବର୍ଗକୁ ପ୍ରତି ରବିବାରରେ ନୂଆନୂଆ ଭାଇମାନେ ଆସନ୍ତି। ସେ ଆମକୁ ନୂଆନୂଆ ଗପ କହନ୍ତି। ସେହି ଗପରୁ ଆମେ କିଛି ଭଲ ଭଲ କଥା ଶିଖିଥାଉ। ଏହା ପରେ ଦେଶାତ୍ମବୋଧକ ଗୀତ ବୋଲାଯାଏ। ଆମେ ସେହି ଗୀତ ଶିଖିଥାଉ। ସବା ଶେଷରେ ଶାନ୍ତିମନ୍ତ୍ର, ଜୟଘୋଷ ଓ କେନ୍ଦ୍ରପ୍ରାର୍ଥନା କରି ଆମେ ଘରକୁ ଫେରୁ। ଆମେମାନେ ଏହି ସବୁ କଥା ସଂସ୍କାର ବର୍ଗରୁ ଶିଖିଲୁ। ମୁଁ ଅନ୍ୟ ପିଲାମାନଙ୍କୁ ଅନୁରୋଧ କରୁଛି ସେମାନେ ମଧ୍ୟ ସଂସ୍କାର ବର୍ଗକୁ ଆସି ଏହିସବୁ ଭଲ କଥା ଶିଖନ୍ତୁ ଓ ଏହାର ଆନନ୍ଦ ନିଅନ୍ତୁ।

ଅଷ୍ଟମ ଶ୍ରେଣୀ
*ନେତାଜୀ ହାଇସ୍କୁଲ ପୁଣ୍ଡିଲୋ*





# ଆନନ୍ଦ କେନ୍ଦ୍ର

**ଲିପୁନ୍ ମଲିକ**


ଆମ ଆନନ୍ଦ କେନ୍ଦ୍ରକୁ ଆମେ ସଫାସୁତୁରା ରଖୁ
ଏହା ଆହୁରି ସୁନ୍ଦର ହେଉ ସେ ସପନ ଦେଖୁ ॥



ଆନନ୍ଦକେନ୍ଦ୍ର ପାଖେ ଚାଲିଛି ଗାଡ଼ି ଗଡ଼ି ଗଡ଼ି
ଗୁଆ ଗଛ ଧାଡ଼ି ଧାଡ଼ି ॥
ଆମେ ବସିଅଛୁ ବହିପତ୍ର ଧରି
ସାର୍ ତୁମେ ଆସିବ ବୋଲି ॥
ପିଲାମାନେ ବସିଛୁ ଅନାଇ
କେତେବେଳେ ଦିନି ଆସିବେ ବୋଲି ॥
ଲିପୁନ୍, ପୁପୁନ ଭାଇ, ପାଏଲ ଆମ ଭଉଣୀ
ଆନନ୍ଦକେନ୍ଦ୍ରରେ ପାଠପଢୁ ଆମେ
ସନ୍ଧ୍ୟା ପାଞ୍ଚଟାରେ ଏହା ଖୋଲା ହୁଅଇ ॥
ମୋତେ ଭାରି ଭଲଲାଗେ ଆନନ୍ଦକେନ୍ଦ୍ର
ରବିବାର ସକାଳେ ପୁଣି ସଂସ୍କାରବର୍ଗ ॥
ସକାଳୁ ସକାଳୁ ନିତ୍ୟ କରମ ସାରି
ସଂସ୍କାରବର୍ଗକୁ ଆମେ ଯାଉ ବାହାରି ॥
ଗପ, ଗୀତ, ଖେଳର ମଜା ନେଉ
ଭଲ ପିଲା ହେବାକୁ ପ୍ରେରଣା ପାଉ ॥
ବାଲେଶ୍ୱରରୁ ଆସିଛନ୍ତି ଧାଇଁ
ଆମରି ଶିକ୍ଷକ ରାଧାଗୋବିନ୍ଦ ଭାଇ ॥
ପାଇକା କୂଳରେ ରହିଛନ୍ତି ଯାଇ
ଏହି ଆୟୋଜନ କରିଛନ୍ତି ସେହି ॥
ଆମ ଆନନ୍ଦ କେନ୍ଦ୍ରକୁ ଆମେ ସଫାସୁତୁରା ରଖୁ
ଏହା ଆହୁରି ସୁନ୍ଦର ହେଉ ସେ ସପନ ଦେଖୁ ॥

ଷଷ୍ଠ ଶ୍ରେଣୀ
କହଣି/

✦✦✦






# @uêeûd^

## ପାଇକା ପଠାରେ ପିଲାଙ୍କ ପରବ



# ତେରଟି ପରବ ପରେ ପୁଣି ଅଙ୍କୁରାୟନ

| ବର୍ଣ୍ଣନ ବାକ୍ୟ | ବର୍ଷ | ଦାୟିତ୍ୱରେ |
|---|---|---|
| ଚେନାଏ ସ୍ୱପ୍ନ ଓ ଆଞ୍ଜୁଳାଏ ସମ୍ଭାବନା | ୨୦୦୭ | ଅମିୟ ରଞ୍ଜନ ମହାନ୍ତି |
| ଆନନ୍ଦ ଓ ଅଭିପ୍ସାର ଆନୟନ | ୨୦୦୮ | ସୁଧାଂଶୁ ମୋହନ ରାଉତ |
| ଶାନ୍ତି ଓ ସହାନୁଭୂତିର ଆନୟନ | ୨୦୦୯ | ସୁଧାଂଶୁ ମୋହନ ରାଉତ |
| ଏକ ନିର୍ମଳ ମଣିଷର ଆବାହନ | ୨୦୧୦ | ସୁଶାନ୍ତ କୁମାର ମଲ୍ଲିକ |
| ପିଲାଟିଏ ଫୁଲଟିଏ | ୨୦୧୧ | ତାରାକାନ୍ତ ନାୟକ |
| ମାଟିର ତାରା, ଆକାଶର ଫୁଲ | ୨୦୧୨ | ସଂଜୟ କୁମାର ସ୍ୱାଇଁ |
| ଆସ ଆନନ୍ଦରେ ଓଦା ହେବା | ୨୦୧୩ | ସୁନିଲ କୁମାର ରାଉତ, କୁସୁନପୁରା |
| ଖୋଲା ଆକାଶରେ ସରସ ସପନଟିଏ | ୨୦୧୪ | ସୁନିଲ କୁମାର ରାଉତ, କୁସୁନପୁରା |
| ପଲ୍ଲୀରେ ମଲ୍ଲୀର ମହକ, ଅଙ୍କୁରାୟନ | ୨୦୧୫ | ସୁବ୍ରତ କୁମାର ମଲ୍ଲିକ, ଉଦିଲୋ |
| ଧନୁ ସଂକ୍ରାନ୍ତିର ପର ଚାରିଦିନ | ୨୦୧୫ | ବେଦଦ୍ୟୁତି ପୃଷ୍ଟି, ମଉଗଜପୁର |
| ପାଇକା ପଠାର ରଙ୍କୁଣୀ ଧନ | ୨୦୧୬ | ସମୀର ରଂଜନ ସାମଲ, ନରଡା |
| ଛୋଟପିଲାଙ୍କ ପାଇଁ ବଡ଼ ଆୟୋଜନ | ୨୦୧୭ | ମାନସ ରଂଜନ ଦାସ, ନରଡା |
| ଫେରାଇ ଆଣେ ପିଲାପଣ | ୨୦୧୮ | ସୁଧାଂଶୁ ପରିଡ଼ା, ଲଙ୍କାପଡା |
| ଅସାମାନ୍ୟ ଭଲପଣର ସାମାନ୍ୟକଥନ | ୨୦୧୯ | ସୁଧାଂଶୁ ପରିଡ଼ା, ଲଙ୍କାପଡା |



# ଅଙ୍କୁରାୟନ ୨୦୧୮ର ନିମନ୍ତ୍ରଣ ପତ୍ର

ଅଙ୍କୁରାୟନ

ଫେରାଇ ଆଣେ ପିଲାପଣ

ଚିଠି ସଂଖ୍ୟା ଓ ତାରିଖ :

ନମସ୍କାର।

ପିଲାବେଳ ଆସେ, ତେଣୁ ଚାଲିଯାଏ ।

କିନ୍ତୁ ପିଲାପଣ ! ସମୟକୁ ଟପି ଯାଇପାରୁଥିବା ଏକ ସ୍ୱର୍ଗୀୟ ସାନିଧ ।

ପିଲାପଣ ହଜୁଛି ନା ତାକୁ ଧରି ରଖି ହେଉନି ? ଏହା ଜଣା ପଡୁନଥିଲେ ବି ଆମେ, ଆପଣ ଓ ଅନ୍ୟମାନେ ସମସ୍ତେ ବୋଧହୁଏ ଝୁରି ହେଉଥାଉ ସେଇ ପିଲାପଣକୁ। ଛାପିଛାପିକା ଜହ୍ନ ଆଲୁଅରେ ପାଳଭୂତ ହେବା, ଉଦୁଉଦିଆ ଖରାବେଳର ଆକଟ ଭିତରେ ବାଡ଼ିପଟ କୁଟାଗଦା ମୂଳେ ବସୁଥିବା ଗୁଲିନଟୁର ମହୋତ୍ସବ, ପତର ଠୋଲାରେ ବୋହିପଡୁଥିବା କଇଁଆ-ଲୁଣ-କଞ୍ଚାଲଙ୍କା ଚକଟାର ଟକଳଫୁଟା ସୁଆଦ ତଥା ପିଲାବେଳର ସେଇ କୁନି ହାତ ପାହାନ୍ତାରେ ଥିବା ପରିଧିହୀନ ଆନନ୍ଦ... ସେସବୁ ଆଜି ଭାରି ମନେପଡେ । ହଜିଯାଇଥିବା ଯୋଗୁ କଷ୍ଟ ଦିଏ ଓ ପୁଣି ଫେରି ଆସିବାକୁ ଅଝଟ କରେ, ଶୈଶବର ସେଇ ସରଳ ସରାଗ । ସେଇ ଅଝଟପଣକୁ କୋଳେଇ ନେଇ ତାକୁ ତୁନି କରେଇବାର ଗୋଟିଏ ସର୍ଜନାତ୍ମକ ସନନ୍ଦ ଅଙ୍କୁରାୟନ।

ଏ ବର୍ଷର ଅଙ୍କୁରାୟନ ସେଇ ପିଲାପଣର ଏକ ପଢି ହେଉଥିବା ପରିଭାଷା ହୋଇଉଠୁ, ଏହା ଆମର ପ୍ରୟାସ । ଆପଣ ଓ ଆପଣଙ୍କ ପିଲା ଆସନ୍ତୁ- ଆମର ଆଗ୍ରହ ଓ ଅନୁରୋଧ ।

ଆପଣଙ୍କ ସମ୍ପୃକ୍ତି ଓ ସହଯୋଗର କାମନା ସହ

ଆବାହକ

**ଅଙ୍କୁରାୟନ-୨୦୧୮**

ଦୂରଭାଷ: ୮୩୩୯୮୮୫୨୭୫
୬୩୭୦୧୪୪୯୨୯

ବନ୍ଧୁ

୧୭-୧୯ ଡ଼ିସେମ୍ବର, ଲଙ୍କାପଡ଼ା, ଜଗତସିଂହପୁର - କେନ୍ଦ୍ରାପଡ଼ା

# ଅଙ୍କୁରାୟନ-୨୦୧୮

## ଫେରାଇ ଆଣେ ପିଲାପଣ


୧୭-୧୯, ଡିସେମ୍ବର

| | | |
|---|---|---|
| ଆବାହକ | : | ସୁଧାଂଶୁ ପରିଡ଼ା, ଲଙ୍କାପଡ଼ା |
| ସହ ଆବାହକ | : | ଉମେଶ ନାୟକ, ବଜ୍ରବାଣ |
| ସହ ଆବାହିକା | : | ପ୍ରିୟଦର୍ଶିନୀ ପୃଷ୍ଟି, ଲଙ୍କାପଡ଼ା |
| ନିମନ୍ତ୍ରିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସଂଖ୍ୟା | : | ଯଥାକ୍ରମେ ୧୩୪ ଓ ୧୪ (**ମୋଟ : ୧୪୮**) |
| ନିମନ୍ତ୍ରିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଯେଉଁ ଜିଲ୍ଲାରେ ଅବସ୍ଥିତ | : | କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଖୋର୍ଦ୍ଧା |
| ଉଦ୍‌ଘାଟକ | : | ବିଶ୍ୱରଞ୍ଜନ ପଣ୍ଡା, ଇଣ୍ଡିଆନ ଅଏଲ, ପାରାଦୀପରେ କ୍ୱାଲିଟି କଣ୍ଟ୍ରୋଲ ମ୍ୟାନେଜର ଭାବେ କାର୍ଯ୍ୟରତ |
| ଅଂଶଗ୍ରହଣ କରିଥିବା ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା | : | ୨୬ |
| ଉଚ୍ଚ ବିଦ୍ୟାଳୟ ସଂଖ୍ୟା | : | ୨୨ |
| ମହାବିଦ୍ୟାଳୟ ସଂଖ୍ୟା | : | ୦୩ |
| **ମୋଟ** | **:** | **୫୧** |
| ନିମନ୍ତ୍ରିତ ବନ୍ଧୁ ଗାଁ ସମିତି | : | ୩୬ |
| ଅଂଶଗ୍ରହଣ କରିଥିବା ବନ୍ଧୁ ଗାଁ ସମିତି ସଂଖ୍ୟା | : | ୦୪ |
| ମୋଟ ପ୍ରତିଯୋଗିତା ସଂଖ୍ୟା | : | ୩୦ |
| ଅଙ୍କୁରାୟନ ପ୍ରଥମ ଦିବସର ପ୍ରତିଯୋଗିତା ସଂଖ୍ୟା | : | ୧୪ |
| ଦ୍ୱିତୀୟ ଦିବସର ପ୍ରତିଯୋଗିତା ସଂଖ୍ୟା | : | ୧୦ |
| ତୃତୀୟ ଦିବସର ପ୍ରତିଯୋଗିତା ସଂଖ୍ୟା | : | ୦୬ |
| **ମୋଟ ପ୍ରତିଯୋଗୀ ସଂଖ୍ୟା** | **:** | **୪୫୯** |
| ମୋଟ ଶିବିରାର୍ଥି ସଂଖ୍ୟା | : | ୧୭ |
| ମୋଟ ଅଂଶଗ୍ରହଣ କରିଥିବା ସ୍ୱେଚ୍ଛାସେବୀ | : | ୫୮ |
| ବନ୍ଧୁ ଭାଇ | : | ୩୭ |
| ବନ୍ଧୁ ଭଉଣୀ | : | ୧୦ |
| ବନ୍ଧୁ ଗାଁ ସମିତି ଭାଇ | : | ୦୪ |
| ସମ୍ଭବ ଭାଇ | : | ୦୩ |
| ବିଦ୍ୟାଳୟ ଛାତ୍ର | : | ୦୪ |

| | | |
|---|---|---|
| ଆନନ୍ଦ ବଜାରରେ ପରିବେଷିତ | | |
| ଜଳଖିଆ ସଂଖ୍ୟା | : | ୧୨୪ |
| ମଧ୍ୟାହ୍ନ ଭୋଜନ | : | ୧୫୮୬ |
| ରାତ୍ର ଭୋଜନ | : | ୭୩ |
| **ମୋଟ** | **:** | **୧୭୮୩** |
| ପୁରସ୍କାର ବିତରଣ ଉତ୍ସବ | : | ୧୯।୧୨।୨୦୧୮ |
| ପରିଚାଳନା | : | ବନ୍ଧୁ ସୁଧାଂଶୁ |
| ପୁରସ୍କାର ବିତରଣ ଉତ୍ସବର ସଭାପତି | : | ବନ୍ଧୁ ସଭାପତି |
| ସମୁଦାୟ ପ୍ରମାଣପତ୍ର ସଂଖ୍ୟା | : | ୯୮ |
| ସବୁଦାୟ ପ୍ରମାଣପତ୍ର ସଂଖ୍ୟା | : | ୧୦୧ |
| ଆମ ଅତିଥି | : | ଶ୍ରୀଯୁକ୍ତ କାହ୍ନୁଚରଣ ବେଉରା, ପ୍ରାଉଟିଷ୍ଟବ୍ଲକ ଅଫ୍ ଇଣ୍ଡିଆ ଓ ସମାଜ ଆନ୍ଦୋଳନର ନେତା, ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ବିଶିଷ୍ଟ କାର୍ଯ୍ୟକର୍ତ୍ତା |
| ମହକ | : | ଗୌରବ କବି, ପଞ୍ଚମ ଶ୍ରେଣୀ, ଓଡ଼ିଶା ପବ୍ଲିକ ସ୍କୁଲ, କୃଷ୍ଣାନନ୍ଦପୁର |
| ଅଙ୍କୁରାୟନ ପ୍ରତିଭା | : | ସମୀକ୍ଷା ରଥ, ଷଷ୍ଠ ଶ୍ରେଣୀ ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମାହାଳ ହାଟ, ମୁଗୁରିଆ, କଟକ |
| ବନ୍ଧୁ ପ୍ରତିଭା | : | ପ୍ରୀତମ କୁମାର ନାୟକ, ନବମ ଶ୍ରେଣୀ ହେମଲତା ବିଦ୍ୟାପୀଠ, ଚିକିଣିଆ |
| ବନ୍ଧୁ ଗୌରବ | : | ଭଗବତୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମଣିଜଙ୍ଗ |
| **ଅଙ୍କୁରାୟନ-୨୦୧୮ର ମୋଟ ବ୍ୟୟ** | **:** | **ଟ୧,୪୫,୩୭୯ଙ୍କା** |

## ଅଙ୍କୁରାୟନ- ୨୦୧୮ ବ୍ୟୟ ବିବରଣୀ

| | | | |
|---|---|---|---|
| ୧. | ବିଲେଇଶୁଣୀ ଓ ବଜ୍ରମହାକାଳୀ ମନ୍ଦିରରେ କଳସ ବସା ଓ ଠାକୁରାଣୀଙ୍କ ମାର୍ଜନା | : | ୬୪୦.୦୦ |
| ୨. | ମଞ୍ଚ, ପଡ଼ିଆ ପ୍ରସ୍ତୁତି ଓ ପାଇଖାନା ନିର୍ମାଣ | : | ୧୦୯୮୦.୦୦ |
| ୩. | ବିଦ୍ୟାଳୟ, ମହାବିଦ୍ୟାଳୟ, ବିଚାରପତି, ଅତିଥି ଓ ସମସ୍ତ ପ୍ରକାରର ନିମନ୍ତ୍ରଣ ତଥା ପୋଷ୍ଟର ମାରିବା ଏବଂ ସମସ୍ତ ପ୍ରକାରର ନିମନ୍ତ୍ରଣରେ ପରିବହନ ଓ ଅନ୍ୟାନ୍ୟ ପରିବହନ ଖର୍ଚ୍ଚ | : | ୬୯୬୦.୦୦ |
| ୪. | ବିଦ୍ୟୁତ୍ ବିଲ୍ | : | ୯୨୦.୦୦ |



| | | | |
|---|---|---|---|
| ୫. | ଟେଣ୍ଟ, ମାଇକ୍ ଓ ଜେନେରେଟର | : | ୨୨,୦୦୦.୦୦ |
| ୬. | ସଙ୍ଗୀତ କାର୍ଯ୍ୟକ୍ରମ ପାଇଁ ଖର୍ଚ୍ଚ | : | ୧୫୦୦.୦୦ |
| ୭. | ବନ୍ଧୁ ଯୁବାଙ୍କ କାର୍ଯ୍ୟକ୍ରମ ପାଇଁ ଖର୍ଚ୍ଚ | : | ୧୨୦୦.୦୦ |
| ୮. | ଶିବିର ଖର୍ଚ୍ଚ | : | ୩୪୮.୦୦ |
| ୯. | ସାହିତ୍ୟ ସେବା | : | ୨୬୪୨.୦୦ |
| ୧୦. | ୫୦ ବର୍ଷର ଚାବି ରିଙ୍ଗ୍ | : | ୩୦୦୦.୦୦ |
| ୧୧. | ବିଦ୍ୟାଳୟ ନିମନ୍ତ୍ରଣ ଚିଠି, କାର୍ଯ୍ୟକ୍ରମ ସୂଚୀ, ନିୟାମାବଳୀ, ଶିବିର କାର୍ଯ୍ୟକ୍ରମ ସୂଚୀ, ଜ୍ଞାନ ସିନ୍ଦୁକ ଓ କୁମ୍ଭି ପ୍ରଶ୍ନପତ୍ର, ଉତ୍ତରପତ୍ର ତିଆରି ଓ ଛପାଛପି | : | ୪୬୬୫.୦୦ |
| ୧୨. | ଫ୍ଲେକ୍ସ୍ ବ୍ୟାନର ଫ୍ରେମ୍ Ms.Grill | : | ୬୬୯୦.୦୦ |
| ୧୩. | ଷ୍ଟେସନାରୀ ଓ ଫାଷ୍ଟଏଡ୍ | : | ୫,୧୧୫.୦୦ |
| ୧୪. | ଆନନ୍ଦ ବଜାର | : | ୪୦୨୮୯.୦୦ |
| ୧୫. | ଟ୍ରଫି ୧୧୯ ଗୋଟି (ପୁରସ୍କାର) | : | ୮୫୦୦.୦୦ |
| ୧୬. | ପୋଷ୍ଟର ୨୦୦୦.୦୦ | : | ୮୦୦୦.୦୦ |
| ୧୭. | ନନ୍ ଓଭନ୍ ବ୍ୟାଗ୍ (୨୦ କି:ଗ୍ରା) | : | ୫୦୦୦.୦୦ |
| ୧୮. | ଫ୍ଲେକ୍ସ ବ୍ୟାନର, ସାର୍ଟିଫିକେଟ୍ ଓ ନିମନ୍ତ୍ରଣ ପତ୍ର | : | ୫୧୦୦.୦୦ |
| ୧୯. | ଭିଡ଼ିଓ ସୁଟିଂ | : | ୩୫୦୦.୦୦ |
| ୨୦. | କଂସପୋଡି | : | ୮୩୩୦.୦୦ |
| | **ମୋଟବ୍ୟୟ** | **:** | **୧,୪୫,୩୭୬.୦୦** |

## ଆଶ୍ରମ ପାଇଁ ବ୍ୟୟ

| | | | |
|---|---|---|---|
| ୧. | ଟ୍ରାକ୍ଟର ବାଲିପୋତା ୬ଟ୍ରିପ୍ | : | ୨୨୫୦.୦୦ |
| ୨. | ଆଶ୍ରମ ହଲ୍ ଓ ବାରଣ୍ଡା ବିଦ୍ୟୁତ୍‌କରଣ | : | ୭୬୯.୦୦ |
| ୩. | କମ୍ବଳ ୪ଟା | : | ୧୭୦୬.୦୦ |
| ୪. | ମଶାରୀ ୨ଟା | : | ୮୦୦.୦୦ |
| ୫. | ୱାଟର ହିଟର ୧ଟା | : | ୪୮୦.୦୦ |
| ୬. | ଛୁରୀ ୧ଟା | : | ୫୦.୦୦ |
| ୭. | ନଡ଼ିଆ କୋରଣା ୧ଟା | : | ୧୧୦.୦୦ |
| | **ମୋଟ** | **:** | **୬୧୬୫.୦୦** |

| | | |
|---|---|---|
| **ସର୍ବମୋଟ ବ୍ୟୟ** | **:** | **୧,୫୧,୫୪୪.୦୦** |

**ଅଙ୍କୁରାୟନ ୨୦୧୭ର ନିମନ୍ତ୍ରଣ ପତ୍ର**

ଚିଠି ସଂଖ୍ୟା :-......................                ତାରିଖ :-....................

ନମସ୍କାର ।

ସବୁଦିନ ସକାଳ ହୁଏ । ରାତିର ଗାଢ଼ ଅନ୍ଧାର ଭିତରୁ ଫୁଟି ଉଠେ ସୁନେଲି ସୂର୍ଯ୍ୟାଲୋକ । କାହିଁ କେତେ କାଳରୁ ସେଇ ସମାନ ସୂର୍ଯ୍ୟ, ସକାଳର ସୂଚନା ଦେଇ ଆସୁଛନ୍ତି ସମାନ ଢଙ୍ଗରେ !

ତଥାପି ପ୍ରତିଟି ସୂର୍ଯ୍ୟୋଦୟରେ ଥାଏ ଅନନ୍ତ ନୂତନତା । ଉଷାର ଆକାଶ ପ୍ରତିଦିନ ପାଲଟେ ପ୍ରକୃତିର ଏକ ଅଦୃଷ୍ଟପୂର୍ବ ଚିତ୍ରପଟ । ପ୍ରତିଟି ପ୍ରତ୍ୟୁଷରେ ବାଜିଉଠେ ସର୍ଜନାର ନୂଆ ଶଙ୍ଖଧ୍ୱନି ।

ଠିକ୍ ସେମିତି ସବୁ ବର୍ଷ ଅଙ୍କୁରାୟନ ଆସୁଥିଲେ ବି,ଏହାର ପ୍ରତିଟି ସଂସ୍କରଣରେ ଥାଏ ନୂଆପଣର ନିଆରା ବାସ୍ନା ।

ଏ ବର୍ଷ ଧନୁ ସଂକ୍ରାନ୍ତିର ପରଦିନ, ଡ଼ିସେମ୍ବର ୧୭ ତାରିଖରୁ ଆରମ୍ଭ ହୋଇ ତିନି ଦିନ ଧରି ଆୟୋଜିତ ହେବ, ଛୋଟ ପିଲାଙ୍କ ପାଇଁ ବଡ ଆୟୋଜନ **"ଅଙ୍କୁରାୟନ"** । ଆପଣ ଆସିବେ, ପିଲାଙ୍କୁ ଆଣିବେ ଏବଂ ଏଇ ଛୋଟ ପ୍ରୟାସରେ 'ବନ୍ଧୁ' ସହ ସାମିଲ ହେବେ- ଆମର ଅନୁରୋଧ ଓ ନିମନ୍ତ୍ରଣ ।

ଆପଣଙ୍କର ଶ୍ରଦ୍ଧାବନତ

ବନ୍ଧୁ



**ଆବାହକ**
**ଅଙ୍କୁରାୟନ-୨୦୧୭**
**ଦୂରଭାଷ:-୯୭୭୬୩୨୪୬୯୯**

ଛୋଟ ପିଲାଙ୍କ ପାଇଁ ବଡ଼ ଆୟୋଜନ

# ଅଙ୍କୁରାୟନ- ୨୦୧୭

## ବିବରଣୀ

| | |
|---|---|
| ଆବାହକ | : ମାନସ ରଞ୍ଜନ ଦାସ, ନରଡ଼ା |
| ସହ-ଆବାହକ | : ସୁମନ ସାହୁ, ଲଙ୍କାପଡ଼ା |
| ସହ – ଆବାହିକା | : ପ୍ରିୟଦର୍ଶିନୀ ପୃଷ୍ଟି, ପାରିଲଙ୍କାପଡ଼ା |
| ନିମନ୍ତ୍ରିତ ବିଦ୍ୟାଳୟ ସଂଖ୍ୟା | : ୧୬୮ |
| ନିମନ୍ତ୍ରିତ ମହାବିଦ୍ୟାଳୟ ସଂଖ୍ୟା | : ୦୬ |
| ମୋଟ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସଂଖ୍ୟା (ନିମନ୍ତ୍ରିତ) | : ୧୭୪ |
| ନିମନ୍ତ୍ରିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଯେଉଁ ଜିଲ୍ଲାରେ ଅବସ୍ଥିତ | : କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର |
| ଉଦ୍‌ଘାଟକ | : ଆଦିକନ୍ଦ ରାଉଳ<br>ସମ୍ପାଦକ, ଭାଷା ସୁରକ୍ଷା ସମ୍ମିଳନୀ, କେନ୍ଦ୍ରାପଡ଼ା |
| ଅଂଶଗ୍ରହଣ କରିଥିବା ବିଦ୍ୟାଳୟ ସଂଖ୍ୟା | : ୪୯ |
| ଅଂଶ ଗ୍ରହଣ କରିଥିବା ମହାବିଦ୍ୟାଳୟ ସଂଖ୍ୟା | : ୦୧ |
| ମୋଟ ଅଂଶ ଗ୍ରହଣ କରିଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟ ସଂଖ୍ୟା | : ୫୦ |
| ନିମନ୍ତ୍ରିତ ବନ୍ଧୁ ଗାଆଁ ସମିତି ସଂଖ୍ୟା | : ୩୬ |
| ଅଂଶ ଗ୍ରହଣ କରିଥିବା ବନ୍ଧୁ ଗାଆଁ ସମିତି ସଂଖ୍ୟା | : ୦୭ |
| ମୋଟ ପ୍ରତିଯୋଗିତା ସଂଖ୍ୟା | : ୨୮ |
| ଅଙ୍କୁରାୟନ ପ୍ରଥମ ଦିବସର ପ୍ରତିଯୋଗିତା ସଂଖ୍ୟା | : ୧୨ |
| ଅଙ୍କରାୟନ ଦ୍ୱିତୀୟ ଦିବସର ପ୍ରତିଯୋଗିତା ସଂଖ୍ୟା | : ୧୦ |
| ଅଙ୍କରାୟନ ତୃତୀୟ ଦିବସର ପ୍ରତିଯୋଗିତା ସଂଖ୍ୟା | : ୦୬ |
| **ମୋଟ ପ୍ରତିଯୋଗୀ ସଂଖ୍ୟା** | **: ୬୨୨** |
| ମୋଟ ଶିବିରାର୍ଥି ସଂଖ୍ୟା | : ୦୭ |
| ମୋଟ ଅଂଶଗ୍ରହଣ କରିଥିବା ସ୍ୱଚ୍ଛାସେବୀ | : ୫୦ |

| | | |
|---|---|---|
| ବନ୍ଧୁ ଭାଇ | : | ୨୬ |
| ବନ୍ଧୁ ଭଉଣୀ | : | ୧୦ |
| ବନ୍ଧୁ ଗାଆଁ ସମିତି ଭାଇ | : | ୦୪ |
| ସମ୍ଭବ ଭାଇ | : | ୦୨ |
| ବିଦ୍ୟାଳୟ ଛାତ୍ର | : | ୦୪ |
| ନୂତନ ଭାବେ ଯୋଗ ଦେଇଥିବା ଭାଇ | : | ୦୪ |

<u>ବିଭିନ୍ନ ଦାୟିତ୍ୱରେ</u>


| | | |
|---|---|---|
| ଅଭ୍ୟର୍ଥନା | : | ବନ୍ଧୁ ଟୁଲୁ ଓ ରାକେଶ |
| ସାହିତ୍ୟ ସେବା | : | ବନ୍ଧୁ ରତିକାନ୍ତ |
| ୧୦୦ ମିଟର ଦୌଡ଼ ଓ ଲମ୍ଫଡ଼ିଆଁ | : | ବନ୍ଧୁ ସମୀର ଓ ସୁବ୍ରତ |
| ଦୌଡ଼ିଡ଼ିଆଁ | : | ବନ୍ଧୁ ସମୀର, ସୁବ୍ରତ ଓ ଦେବଜ୍ୟୋତି |
| ସୃଜନିକା | : | ବନ୍ଧୁ ସୁନୀଲ ଓ ମୌସୁମୀ |
| ଝୋଟିଚିତା | : | ବନ୍ଧୁ ସୁଧାଂଶୁ |
| ସଂଗୀତ | : | ବନ୍ଧୁ ସୁଧାଂଶୁ |
| ମହକ | : | ବନ୍ଧୁ ସୁଧାଂଶୁ ଓ ସଞ୍ଜୟ |
| ପୁଚି | : | ବନ୍ଧୁ ରାଧାଗୋବିନ୍ଦ ଓ ପ୍ରିୟଦର୍ଶିନୀ |
| ଜ୍ଞାନ ସିନ୍ଦୁକ ଓ ଜ୍ଞାନ କୁମ୍ଭି | : | ବନ୍ଧୁ କିଶୋର |
| ଇନ୍ଦ୍ରଧନୁ | : | ବନ୍ଧୁ ସୁଧାଂଶୁ |
| ମେହେନ୍ଦୀ | : | ବନ୍ଧୁ ପ୍ରିୟଦର୍ଶିନୀ ଓ ସୁଧାଂଶୁ |
| ଆବୃତ୍ତି ଓ ବକ୍ତୃତା | : | ବନ୍ଧୁ ପ୍ରିୟଦର୍ଶିନୀ |
| ବିଭିନ୍ନିକା | : | ବନ୍ଧୁ ସୁଧାଂଶୁ |
| କଂସପୋଡ଼ି | : | ବନ୍ଧୁ ଦିଲ୍ଲୀପ |

## ମଧ୍ୟାନ୍ତର ପରିଚାଳନା


| | | |
|---|---|---|
| ପ୍ରଥମ ଦିବସ | : | ବନ୍ଧୁ ସୁଧାଂଶୁ ଓ ସୌମ୍ୟ |
| ଦ୍ୱିତୀୟ ଦିବସ | : | ବନ୍ଧୁ ରତିକାନ୍ତ, ରାଧାଗୋବିନ୍ଦ ତାରାକାନ୍ତ, ହିମାଂଶୁ ଓ ପ୍ରଭାତ ଭାଇ |
| ତୃତୀୟ ଦିବସ | : | ବନ୍ଧୁ ସୁଧାଂଶୁ ଓ ତାରାକାନ୍ତ |

## ଆନନ୍ଦବଜାର ପରିଚାଳନା

| | | |
|---|---|---|
| ପ୍ରଥମ ଦିବସ | : | ବନ୍ଧୁ ଦିଲ୍ଲୀପ ଓ ସୁଶାନ୍ତ |



| | | |
|---|---|---|
| ଦ୍ୱିତୀୟ ଦିବସ | : | ବନ୍ଧୁ ଦିଲ୍ଲୀପ ଓ ସୁଶାନ୍ତ |
| ତୃତୀୟ ଦିବସ | : | ବନ୍ଧୁ ଦିଲ୍ଲୀପ ଓ ସଞ୍ଜୟ |
| ଆନନ୍ଦ ବଜାରରେ ପରିବେଷଣ କରାଯାଇଥିବା | | |
| ଜଳଖିଆ ସଂଖ୍ୟା | : | ୭୭ |
| ମଧ୍ୟାହ୍ନ ଭୋଜନ | : | ୨୧୧୭ |
| ରାତ୍ରି ଭୋଜନ | : | ୭୬ |
| **ମୋଟ** | **:** | **୨୨୭୦** |
| ପୁରସ୍କାର ବିତରଣ ଉତ୍ସବ (୧୯।୧୨।୨୦୧୭) | | |
| ପରିଚାଳନା | : | ବନ୍ଧୁ ସୁଧାଂଶୁ |
| ପୁରସ୍କାର ବିତରଣ ଉତ୍ସବର ସଭାପତି | : | ବନ୍ଧୁ ସଭାପତି |
| ସମୁଦାୟ ପୁରସ୍କାର ସଂଖ୍ୟା | : | ୮୬ |
| ସମୁଦାୟ ପ୍ରମାଣପତ୍ର ସଂଖ୍ୟା | : | ୮୯ |
| **ଆମ ଅତିଥି** | : | ସୁଶ୍ରୀ କବିତା ରାଣୀ ପରିଡ଼ା<br>ମୁଖ୍ୟ ପରିଚାଳିକା, କସ୍ତୁରବା ଗାନ୍ଧୀ ଟ୍ରଷ୍ଟ<br>ବେରବୋଇ, ଡେଲାଙ୍ଗ, ପୁରୀ |
| | : | ଶ୍ରୀଯୁକ୍ତ କେଶୁ ଦାସ<br>କ୍ରାନ୍ତିକାରୀ ଶିଳ୍ପୀ, ବାଲେଶ୍ୱର |
| | : | ଶ୍ରୀଯୁକ୍ତ ଶ୍ରୀକାନ୍ତ ନାୟକ<br>ସମ୍ପାଦକ, ସମ୍ଭାବନା, ରାଜକନିକା |
| | : | ଶ୍ରୀଯୁକ୍ତ ସତ୍ୟନାରାୟଣ ଦାସ<br>ସମାଜସେବୀ, ମାହାଙ୍ଗା, କଟକ |
| | : | ଶ୍ରୀଯୁକ୍ତ ଉମାକାନ୍ତ ଜେନା<br>ସାମ୍ବାଦିକ, ଏମ୍. ବି.ସି. ଟିଭି |
| ମହକ | : | ଶୁଭଲକ୍ଷ୍ମୀ ଦାଶ<br>ପଞ୍ଚମ ଶ୍ରେଣୀ<br>ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର<br>ମାହାଲହାଟ, ମୁଗୁରିଆ, କଟକ |
| ଅଙ୍କୁରାୟନ ପ୍ରତିଭା | : | ସମୀକ୍ଷା ରଥ<br>ପଞ୍ଚମ ଶ୍ରେଣୀ<br>ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର<br>ମହାଲହାଟ, ମୁଗୁରିଆ, କଟକ |



| | | |
|---|---|---|
| ବନ୍ଧୁ ପ୍ରତିଭା | : | ସ୍ୱପ୍ନାରାଣୀ ସାହୁ<br>ନବମ ଶ୍ରେଣୀ<br>ରାଏସର ଖରିଣାଣ ଉଚ୍ଚ ବିଦ୍ୟାଳୟ,<br>ରାଏସର, କେନ୍ଦ୍ରାପଡ଼ା |
| ବନ୍ଧୁ ଗୌରବ | : | ରାଏସର ଖରିଣାଣ ଉଚ୍ଚ ବିଦ୍ୟାଳୟ<br>ରାଏସର, କେନ୍ଦ୍ରାପଡ଼ା |
| ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥାନ | : | ପ୍ରାୟ ୫୫୦ |
| କଂସପୋଡ଼ି ସମୟରେ ଉପସ୍ଥାନ | : | ପ୍ରାୟ ୧୧୦୦ |
| ନିଧି ସଂଗ୍ରହ | : | ବନ୍ଧୁ ଚନ୍ଦ୍ରକାନ୍ତ, ରାଧାଗୋବିନ୍ଦ, ସଞ୍ଜୟ<br>ଶରତ, ସୁଧାଂଶୁ, ତାରାକାନ୍ତ ଓ ସୁଶାନ୍ତ |
| **ଅଙ୍କୁରାୟନ - ୨୦୧୭ ର ମୋଟ ବ୍ୟୟ** | **:** | **ଟ. ୧,୦୦,୧୦୫ ଙ୍କା** |



# ଅଙ୍କୁରାୟନ



ଚିଠି ସଂଖ୍ୟା ଓ ତାରିଖ :

ପ୍ରିୟ ବନ୍ଧୁ,

ନମସ୍କାର ।

ଅଜଣା ଅତୀତର କେଉଁ ଏକ ଅସାଧାରଣ କ୍ଷଣରେ ଜନ୍ମହୋଇ, ପରିବର୍ତ୍ତନର ଖରା-ବର୍ଷା-ଶୀତ ଖାଇ ଖାଇ ବଡହୋଇଛି । ସମୟର ନଈକୂଳରେ ଆଜି ଠିଆ ହୋଇଛି ସେ । ସେ ଆମ "ଗାଁ" । ତଥାପି ପ୍ରାକୃତିକତା ତା'ର ପରିଚୟ ହୋଇ ରହିଛି । ସେଇ ପ୍ରକୃତିର ପ୍ରତୀକ "ଗଛ" । କୃତ୍ରିମତାର କଳା ଧୂଆଁରେ ଡହଳବିକଳ ମଣିଷ ସେଇଥିପାଇଁ ଗଛ ଓ ଗାଁ କୁ ଝୁରି ହେଉଛି, ବରଂ ଝୁରିହେବାକୁ ବାଧ୍ୟ । ସତ୍ୟ ସହ ଏକ ସିଧାସଳଖ ସମ୍ପର୍କ ରଖିଥିବା "ଗାନ୍ଧୀ" ବୋଧହୁଏ ସେଥିପାଇଁ ଭାରତର ଗାଁ କୁ ପ୍ରାଣଭରି ଭଲପାଉଥିଲେ ! ସେ ସେହି ଅନୁସାରେ ଜିଇଥିଲେ ।

ଜନ୍ମିବା ଓ ମରିବାର ବନ୍ଧନୀ ଭିତରେ ଆବଦ୍ଧ ହୋଇପାରେ ଜୀବନ । କିନ୍ତୁ ଏହାର ଉଚ୍ଚତା ? ଏହାର ଗଭୀରତା ?

ଉଚ୍ଚତା ଏହାର ଛୁଇଁପାରେ ଆକାଶର ଛାତି । ପ୍ରଶାନ୍ତ ମହାସାଗରର ପେଟ ପର୍ଯ୍ୟନ୍ତ ଯାଇପାରେ ଏହାର ଗଭୀରତା । ଏମିତି ଗୋଟିଏ ଜୀବନ ବଞ୍ଚିଥିଲେ ବୋଲି ସିନା ବାପୁଙ୍କୁ ଆଜି ଝୁରିହୁଏ ମନ !

ତାଙ୍କ ଜନ୍ମିବାର ଦେଢଶହ ବର୍ଷ ପାଳୁଛି ଏକ କୃତଜ୍ଞ ସମାଜ-ଲଙ୍କାପଡା ରୁ ଲସ୍ ଏଞ୍ଜେଲ୍ସ ।

ସରଳ କିନ୍ତୁ ଗଭୀର । କଳାଧଳା ର ଅପୂର୍ବ ରଚନାରେ ଇନ୍ଦ୍ରଧନୁ ଠାରୁ ସୁନ୍ଦର ସେ ।

ସେ ଥିଲେ ଦରିଦ୍ର ଭାରତର ମହାରାଜା । ଏଇ ମାଟିର ମହାଶକ୍ତି ।

ସନ୍ଥ ପୁଣି ସେ ଅତୁଳନୀୟ ଜନନାୟକ । ଶତ୍ରୁ ର ଶ୍ରଦ୍ଧାରେ ସମ୍ପୂର୍ଣ୍ଣ ତାଙ୍କ ମଣିଷପଣିଆ, ତାଙ୍କ ଭଲପଣ । ଅନନ୍ୟ ସେଇ ଭଲପଣ । ଅପହଞ୍ଚ ତାର ପରିଧି ।

ସେଇ ସୁଷମାମୟ ସୀମାରେଖା ଆଡେ ଆମେ ସମସ୍ତେ ହୁଅନ୍ତେ ଗତିଶୀଳ ! ଏହି କଥା ଚାହେଁ ଏ ଆୟୋଜନ ।

ସେ ଅସାମାନ୍ୟ ଭଲପଣର ସାମାନ୍ୟକଥନ, ଏବର୍ଷର ଅଙ୍କୁରାୟନ । ଗାଁ, ଗଛ ଓ ଗାନ୍ଧୀ ଏଥରର ପ୍ରମୁଖ ବିଷୟବସ୍ତୁ ।

ଆପଣଙ୍କ ଆସିବା ହେବ ଆମ ପାଇଁ ଆନନ୍ଦର କଥା-ଆପଣଙ୍କ ପିଲାର ଯୋଗଦାନ ହେବ ଏ ଉତ୍ସବର ସାର୍ଥକତା ।

ଆପଣଙ୍କର

**ସୁଧାଂଶୁ ପରିଡା**
ଆବାହକ, ଅଙ୍କୁରାୟନ-୨୦୧୯
ଦୂରଭାଷ: ୮୩୩୯୮୮୫୨୭୫



ବନ୍ଧୁ

**ପୌଷ କୃଷ୍ଣ ଦ୍ୱିତୀୟ - ଚତୁର୍ଥୀ ଦିନ (୧୭-୧୯ ଡ଼ିସେମ୍ବର, ୨୦୧୯)** **ଲଙ୍କାପଡ଼ା, ଜଗତସିଂହପୁର**



୧୯ ଅଗଷ୍ଟ ୨୦୧୯। ବୁଢ଼ାବୁଢ଼ୀଆଣୀ ଡ୍ୟାମ ପାଖରେ ୪୬୫ଟି ଗଛଲଗା।

# ଭିନ୍ନ ଭୂମିକାରେ...ବନ୍ଧୁ



ଫନି ପର ପୁରୀର ପାତ୍ରପଡାରେ

# 'ଫନି' ପରେ ପୁରୀରେ

**ଦିନସାରା ରିଲିଫ୍ ବାଣ୍ଟି ଫେରିବା ବାଟରେ ରାତି ୧୦ଟାରେ ରାତ୍ରି ଭୋଜନ ନିମନ୍ତେ ଫନି ଆକ୍ରାନ୍ତ ପୁରୀର ଚନ୍ଦନପୁର ଠାରେ ଅଟକିଯାଇ ଯେତେବେଳେ ସେ ଦେଖିଲା ତଥାପି ସରକାରୀ ମଦ ଦୋକାନ ଖୋଲାଥିଲା ଓ ଖୁବ୍ ଗହଳିଥିଲା ତା ଆଗରେ।**

୩ ମଇ ୨୦୧୯। 'ଫନି' ନାଆଁରେ ବାତ୍ୟାଟିଏ ଆସି ଉଜାଡି ଦେଇଗଲା ପୁରୀକୁ-ପୁରୀର ମଣିଷମାନଙ୍କୁ। ହଜାର ହଜାର ଘର, ଗଛ, ବିଦ୍ୟୁତ୍ ଖୁଣ୍ଟି ସହ ଭାଂଗି ପଡ଼ିଲା ସେ ମଣିଷ ମାନଙ୍କର ବିଶ୍ୱାସ, ଧର୍ଯ୍ୟ ଏବଂ ସମ୍ଭବତଃ କେଉଁଠି କେଉଁଠି ଅହଂକାର ମଧ୍ୟ। ଅନ୍ୟ ଅନେକଙ୍କ ପରି 'ବନ୍ଧୁ' ମଧ୍ୟ ପହଞ୍ଚିଥିଲା ସେଇ ହତଭାଗ୍ୟ ମାନଙ୍କ ପାଖରେ। ସେମାନଙ୍କ ପିଠି ଥାପୁଡ଼େଇ ଦେଇଥିଲା। ଭଙ୍ଗାଘର ପାଖରେ ପାଲଟାଣି ଭାତ ଡାଲମା ରାନ୍ଧି ଖାଇବାକୁ ଦେଇଥିଲା। ତଥାପି ହସିପାରୁଥିବା ପାତ୍ରପଡ଼ା (ପୁରୀସଦର)ର ଅଧା ଲଙ୍ଗଳା ପିଲାମାନଙ୍କ ସାଙ୍ଗରେ ଖେଳିଥିଲା। ଠାକୁରାଣୀ ଗଡ଼ିଆରେ ଗାଧୋଇଥିଲା, ଫୁଙ୍ଗୁଳା ଛାତ ଉପରେ ଶୋଇଥିଲା। ଆଶ୍ଚର୍ଯ୍ୟ ହୋଇଥିଲା ଯେତେବେଳେ ସେ ଗାଁର ଲୋକମାନେ ଠାକୁରାଣୀ ଗଡିଆର ପାଣି ବାଲ୍ତି ବାଲ୍ତି ବୋହିଆଣିଥିଲେ ରୋଷେଇ ପାଇଁ। ସେହି ପାଣିରେ ତିଆରି ଭାତ ଡାଲମା ଖାଇବାକୁ ପ୍ରଥମେ ଅମଙ୍ଗ ହୋଇଥିଲା ସେ। ମାତ୍ର ପାତ୍ରପଡ଼ାର ଗାମୁଛାପିନ୍ଧା ମଣିଷ ଓ ସେମାନଙ୍କ ପ୍ରାଣପ୍ରିୟ ନେତା ସନ୍ତୋଷଭାଇଙ୍କ ସରଳତା ପାଖରେ ସମର୍ପି ଦେଇଥିଲା ନିଜର ପସନ୍ଦ-ନାପସନ୍ଦକୁ। ଗୋପବ୍ଲକ୍‌ର ନାଳିହଣା ଗାଁରେ ଗାଇଥିଲା 'ଗାଁ ଡାକେ, ମା ଡାକେ' ଗୀତ, ବାଣ୍ଟିଥିଲା ସୋଲାର ଲାଇଟ ଓ ବନ୍ଧୁଘରେ ତିଆରି ହୋଇଥିବା ଡାଲି ପ୍ୟାକେଟ୍। ମୁଗ୍ଧ ହୋଇଥିଲା ପାଟ ମଝିରେ ଥିବା ସେ ଗାଆଁ ଲୋକଙ୍କ ସରଳତାରେ। ବ୍ରହ୍ମଗିରିର ଗଉଡ଼ିଆଘାଇଠାରେ ବାଣ୍ଟିଥିଲା ପାଲ କୁନାଭାଇଙ୍କ ସହଯୋଗରେ। ବେରବୋଇର ଗାନ୍ଧୀପୀଠ ଓ ଆଖପାଖରେ ମଧ୍ୟ ଦେଇଥିଲା, ମଶାରୀ ଓ ଡାଲି, କବିତା ଅପାଙ୍କ ମାଧ୍ୟରେ। ଜୟନ୍ତୀ ଅପାଙ୍କ ହାତ ତିଆରି ନଡିଆକୋରା ଖାଇ ଅପ୍ୟାୟିତ ହୋଇଥିଲା ମଧ୍ୟ। ରାତି ଅନ୍ଧାରରେ ଯାଇ ପହଞ୍ଚି ବୁଝିଥିଲା ଓଗାଳପୁର (କଣାସ)ର ଦୁଃଖ। ପୁଣି ଚନ୍ଦକା ଜଙ୍ଗଲ ଭିତରେ ପିଠାଖିଆ, ନୂଆକୁଆ, ବେଣ୍ଟସାହି ଓ ଡାହାଣିଗଡ଼ିଆର ମଣିଷମାନଙ୍କ ସହ କାଟିଥିଲା କିଛି ସମୟ।

ହତାଶ ବି ହୋଇଥିଲା ପୁରୀ ସରକାରୀ ଆଇଟିଆଇ ପରିସରରେ ରିଲିଫ୍ ସାମଗ୍ରୀ ଧରି ଠିଆ ହୋଇଥିବା ଟ୍ରକମାନଙ୍କୁ ଦେଖି। କିଛି ସରକାରୀବାବୁଙ୍କ ଉପରଠାଉରିଆପଣ ଯୋଗୁଁ ଟ୍ରକ ଗୁଡିକରୁ ଚୂଡ଼ା, ଗୁଡ଼ ଆଦି ରିଲିଫ୍ ସାମଗ୍ରୀ ଅନ୍‌ଲୋଡ୍ ହୋଇପାରୁନଥିଲା ଦିନ ଦିନ ଧରି, ବୋଲି ତାର ଅନୁଭବ ହୋଇଥିଲା। ଏବଂ ତେଣେ ପୁରୀର ଫନି ପୀଡିତ ମଣିଷମାନେ ଭୋକରେ ଆଉଟୁ ପାଉଟୁ ହେଉଥିଲେ। ପୁଣି ଦୁଃଖବି ସେ ପାଇଥିଲା ଯେତେବେଳେ ମାଳତୀପାଟପୁର ପାଖ ଏକ ଗାଁର ଲୋକମାନେ ଜବରଦସ୍ତି ରିଲିଫ୍ ଜିନିଷ ଛଡାଇ ନେବାକୁ ବସିଲେ। ଆହୁରି କଷ୍ଟପାଇ କାନ୍ଦ କାନ୍ଦ ହୋଇଥିଲା, ଦିନସାରା ରିଲିଫ୍ ବାଣ୍ଟି ଫେରିବା ବାଟରେ ରାତି ୧୦ଟାରେ ରାତ୍ରି ଭୋଜନ ନିମନ୍ତେ ଫନି ଆକ୍ରାନ୍ତ ପୁରୀର ଚନ୍ଦନପୁର ଠାରେ ଅଟକିଯାଇ ଯେତେବେଳେ ସେ ଦେଖିଲା ତଥାପି ସରକାରୀ ମଦ ଦୋକାନ ଖୋଲାଥିଲା ଓ ଖୁବ୍ ଗହଳିଥିଲା ତା ଆଗରେ।

ଏଇ ସବୁ ଖଟା ମିଠା ଅନୁଭବ ସତ୍ତ୍ୱେ ତାଳଚେରର ହୋଟେଲ ରାଜ, ଧନଦା ଭାଇ ଓ AID India, ମଦମୁକ୍ତି ଯୁବ ବାହିନୀ, ସମ୍ଭବ, ଆଇଡ୍ରିମ ମହାବିଦ୍ୟାଳୟ, ସମ୍ଭାବନା, ଆହ୍ଲାବାଦ ବ୍ୟାଙ୍କ ଓ ଭାରତୀୟ ବାୟୁସେନାର କିଛି ସେବାନିବୃତ୍ତ ଭାଇମାନଙ୍କ ସାନ୍ନିଧ୍ୟ ଥିଲା ଖୁବ୍ ସୁଖକର। ବନ୍ଧୁ ଘରେ ପ୍ରସ୍ତୁତ ମୋଟ ୨୩୦ କିଲୋ ମୁଗ ଓ ୭ କିଲୋ ବିରି ବଣ୍ଟାଯାଇଥିଲା। 'ବନ୍ଧୁ' ଯାଇ ପୁରୀର ମଣିଷମାନଙ୍କ ପାଖରେ ପହଞ୍ଚୁ । ଏକଥା ବନ୍ଧୁର ଯେଉଁ ଶୁଭେଚ୍ଛୁମାନେ ଚାହିଁଥିଲେ ଏବଂ ତାଙ୍କ ଇଚ୍ଛାର କାର୍ଯ୍ୟାନ୍ୱୟନର ଅପେକ୍ଷା ନରଖି ନିଜ ନିଜର ସହଯୋଗ ପଠାଇଦେଇଥିଲେ ସେମାନଙ୍କ ଭାବନାକୁ ନମସ୍କାର। ସେମାନେ ହେଲେ -

| | | |
|---|---|---|
| ୧- | ସୁପ୍ରଭା ମହାନ୍ତି, ଅଲ୍‌ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍‌ସେସ୍, ନୂଆଦିଲ୍ଲୀ | ଟ.୧୫୦୦ |
| ୨- | ଡଃ କେଦାରନାଥ ସେନାପତି, ଜାତୀୟ ପ୍ରାଦ୍ୟୋଗିକୀ ସଂସ୍ଥାନ, କର୍ଣ୍ଣାଟକ, | ଟ.୨୦୦୦ |
| ୩- | ଡଃ ରତିକାନ୍ତ ନାୟକ, ଜାତୀୟ ପ୍ରାଦ୍ୟୋଗିକୀ ସଂସ୍ଥାନ, ବମ୍ବେ, | ଟ.୫୦୦ |
| ୪- | ଆଇ.ଆଇ.ଆଇ.ଟି .ଡି .ଏମ୍, ଜବଲପୁରର, ଓଡ଼ିଆ ସମାଜ | ଟ.୨୦,୦୦୦ |
| ୫- | ଶ୍ରୀ ସୁଜିତ କୁମାର ପତି, ଭାରତୀୟ ବାୟୁସେନାର ସେବାନିବୃତ ଅଧିକାରୀ | ଟ.୨୦୦୦ |
| ୬- | ଶ୍ରୀ ସୁକାନ୍ତ ଲେଙ୍କା, ସାଲେପୁର | ଟ.୧୦୦୦ |



# ବନ୍ଧୁଘର

କିଏ କୃଷ୍ଣ କିଏ ବା ସୁଦାମା
କିଏ ବାସୁଦେବ ଆଉ କିଏ ଅରଜୁନ ?
କିଏ ସଖା ସୁଖଦେବ କିଏ ବା ଭଗତ
କିଏ ବୀର ଦାମୋଦର କିଏ ବା ମଦନ ?
ଜାଣିବାର ଯୁ ନାହିଁ ନାହିଁ ତିଳେ ଅଭିଳାଷ
ନିବିଡ଼ ନିଷ୍ଠାରେ ଏଠି ବନ୍ଧୁତ୍ୱର ବିଶେଷ ବିଳାସ ॥
ଭଲର ପୂଜା ଆଉ ଆନନ୍ଦର ଅପୂର୍ବ ଆଘ୍ରାଣରେ
ସେ ପ୍ରଶ୍ନ ରୂପାନ୍ତରିତ ହେଲାଣି କେବେଠୁ ଉତ୍ତରରେ ॥
ସଖା ସେଠି ସହୋଦର ହସ ପୁଣି ମହ ମହ ବାସେ
ଆଲୋକର ଆବାହନେ ଅଭିପ୍ସାର ଅରୁଣିମା ଦିଶେ ॥
ଏ ମାଟିର ଜୟଗାନେ ସାଧନାର ଦୀପ ନିତି ଜଳେ
ଜୀବନର ଜହ୍ନ ଆଲୁଅରେ ମନଲାଖି ମଣିଷଟେ ମିଳେ ॥
ବିଶ୍ୱାସ ବଳୟ ଘେରା ସାବଲୀଳ ଶ୍ରଦ୍ଧାର ସମ୍ଭାର
ଆଖପାଖ ମଣିଷଙ୍କ ମନରେ ଅଙ୍କିତ ତାହା "ବନ୍ଧୁଘର" ॥



୨୦୧୯
ପାଇକା
୫୭

## A CONSOLIDATED REPORT ON ACTIVITIES OF

# B A N D H U


ବନ୍ଧୁ

**Registration Number: 23227/96/2010-11**


Address

**BANDHUGHARA**

Lankapara, Jagatsinghpur-754134, Odisha
Email: bandhuodisha@gmail.com
Phone: 7504686577/7735338411

# 2015

## For help of a helpless

A. **Ankurayan-IX:** (17-20 Jan 2015): Palli re Mallira Mahaka. Convened by Subrat Kumar Mallick and co-convened by S\Jaydev Barik and Suman Kumar Sahoo.

B. **Banabihar (15 February 2015**) at Banagosain, Raisar: 45 children who comes to Anandakendra (run at Rameswar temple).

C. **Ankurayan-X:**Organized during 17-20 Dec 2015 with theme *Dhanu Sankrantira Para Charidina*. Inaugurated by Ramesh Chandra Mallick andAkhilKar. Convened by Bedadyuti Prusty and co-convened by Sk Samir and MitaliMadhusmitaKar. Total volunteers involved is 44. ShibirPramukh was JaydevBarik. Total 89 prizes were distributed in the prize giving ceremony attended by 400-500 people and Prof Bedanga Das Mohanty (Shanti SwarupBhattanagar Awardee and professor of Physics, National Institute of Science Education and Research, Bhubaneswar). It was also graced by Srimati Krishna Mohanty, Care taker of Baji Rout Chhatrabasa, Angul (founded by former Chief minister Nabakrushna Choudhury and Malati Choudhury). Total number of participating Schools and colleges is 39 out of 153 schools and colleges, and total number of participating students is 513. GaanS amities of 4 villages also participated. 2393 meals are served in Anandbazar. Jhansi Parida is Makar Parija. Susree Sangita Biswal is BandhuPrativa whereas Pritam Kumar Nayak, Maa Saraswati Shishuvidya Mandir, Mahalhat is Mahak of the year.MaaSaraswati Shishuvidya Mandir, Mahalhat is Makar Gouraba. The festival is concluded with Kansapodi attended by 1200-1300 people. A play is performed by children of Anandkendra. 4 volunteers from Sambhab participated. Total expenditure Rs 131, 291/-.

D. **Prasanta Raktadaan Shibir (Saraswati Shishumandir, Bilahaat):** Organised on 2 August 2015 in collaboration with Acharya Harihara Redcross, Cuttack, 42 units of blood collected in this camp. Noted citizen and radio artist Trilochan Kanungo graced the occasion.

E. **Sahjog:** A 486 square feet house building commenced for the orphaned family of Bhikari Sutar at Kharishana. Help from villagers of Kusunpura, Karishan, Raisar, Palasudha, Oradhi, Bhadilo sought and people responded very sympathically. Besides a number of people came forward from far off places including Odia people of IIT Bombay, friends working in USA contacted through Bandhu volunteers.

# 2016
## New generation took charge

A. **General Council meeting:** Held on 11 September 2016 at Nilakantheswar Temple, Uttarkul.

B. **Ankurayan-XI:** Organized during 16-19 Dec 2016 with punch line *Paika Naira Rankuni Dhana.* It was convened by Samir Ranjan Samal.

# 2017
## Mo gaanmotirtha

A. **Moo Gaan MoTirtha:** Held on 3 December 2017 in which 65 people participated. The programme is conducted successfully by Himanshu Sekhar Mohanty (The vice president of Bandhu) at the Gadadharamattha.

B. **Ankurayan-XII:**Held during 17-20 Dec 2017, the punchline forAnkurayanwas *Chhota PIlanka Paini Bada Ayojana.*

# 2018
## Bandhu functions from Bandhughara

A. **Bandhughara** :Bandhugharabecomes functional since October with RadhagobindaLenka taking the responsibility full time.

B. **Anandakendra**: Weekly sessions of yoga, game, song and story aiming at developing physical, emotional and spiritual culture in childern started at Bandhughara, Lankaparafrom 28 October 2018 every Sunday morning. Two hour guidance on school curriculum is also provided to the children. Local children participated enthusiastically. Anandkendra started with an average attendance of 25 children.

C. **INYAS (Indian National Young Academy of Sciences) Remote Area Lecture Series (2 December 2018):** Delivered by Dr RajanJha, Dr Tarakanta Nayak (both faculty members at IIT Bhubaneswar and INYAS members) and Ratikanta Nayak (PhD student at IIT Bombay). They spoke on *Light Plus Light equals No Light*, *Numbers: Why and Where* and *What is Nanotechnology?* respectively. 13 students from 5 Schools and Colleges participated.

D. **Madamukti Yuvabahini Prabhatpheri at Bantala:** Volunteers from Madamukti Yuva Bahini, Cuttack along with Bandhu volunteers participated.

E. **Prabhatpheri on Nabakrushna Choudhury Birthday (23 November 2018**) at Garadpur. FiveKilometer long prabhatpheri is attended by 62 people including the shopkeepers of Garadpur.

F. **Orientation Programme on Science and Mathematics:** Conducted on 11 November 2018 this programme is graced by Dr BrundabanSahu, Dr Binod Kumar Sahoo (Both mathematics faculty members of National Institute for Science Education and Research), Dr TarakantaNayak from IIT Bhubaneswar and Dr Biswaranjan Panda from Indian Oil Corporation Limited, Paradip. They motivated andguided the students for a career in science. Number of students attended was 27 from 5 colleges. Three college Lecturers are in attendance.

G. **Ankurayan-XIII:** The festival was held during 17-19 December 2018 with the punch line *Pherai Ane Pilapana*. Convened by SudhanshuParida and co-convened by Deepa and UmeshNayak. The theme logo was inspired by an idea of a noted social activist SrikantaNayak of Rajkanika.

# 2019

## Bandhu for Foni affected Puri

A. **Swami Vivekananda Jayanti:** Celebrated on 12 January by Anandakendra children with Suryanamaskar and Sadavivekanandamayam song. The number of participants is 38.

B. **Republic Day:** At Bandhughara national flag is hoisted by Sanjay Kumar Swain (Founder Secretary of Bandhu) followed by Prabhatpheri. Anganwadi kids of Lankapara also participated under guidance of Smt Reenarani Parida.

C. **Saraswati Puja:** Pujais celebrated 10 February 2018in which 36 students participated.


D. **PitamataSammilani:** It is held on 24 March 2019 in which 18 parents of children who are coming to Anandkendra joined.


E. **Odia New Year Celebration on 14 April 2019:** It is organised at Bandhughara and 140 people participated. Children made *Mo SapanaraGaan* in sand. All the families of Lankapara village and well-wishers from local villages took part in it.


F. **FANI relief work**: It is undertaken in association with AID India, Madamukti Yubabahini, IDREAM College and Hotel Raj, Talcher. Intensive work done at Patrapada (JamarsuanGrampanchayat, Puri Sadar) and Nalihana (Gop block). Also relief is distributed in Gaudiaghai of Brahmagiri block, Ogalapur of Kanasablock and Beraboi of Delangablock. Nuakuha, Bentasahi and Dahanigadia villages within Chandaka forest were also served. In total 230 kg of processed moong dal was provided for the operation and volunteers of Bandhu namely Sudhanshu Mohan Rout, Sanjay Kumar Swain, RadhagobindaLenka, Tulu Mallick and Tarakanta Nayak physically led the operation. Major donations for the purpose were received from Dr Kedarnath Senapati (NIT Karnataka), Odia Samaja of Indian Institute of Information Technology Design and Management Jabalpur, Suprava Mohanty (AIIMS New Delhi) and Dr Ratikanta Nayak (Orson Chemicals, Mumbai).

G. **International Yoga Day:** Celebrated on 21 June, yoga teacher Pravat Kumar of Arjunpur led the celebration and 29 people participated.

**Anandakendra:** Functions at six places, in four districts serving 134 children. These are Jagatsinghpur (Lankapara), Kendrapara (Kahana, Kolipada and Bhadala), Nayagar (Shikharpur), Jajpur (Salaba).






ଗଛଟିଏ ପାଇଁ ସାଥୀଟିଏ

ପ୍ରିୟ,

ସମ୍ଭାବନାରୁ ଆପଣଙ୍କୁ ଅନେକ ଆନ୍ତରିକତା....,
କେବେ କେବେ ମନ ଖୁବ୍ ଇଚ୍ଛା କରିଦେବାକୁ ଅନେକ କଥା,....
ହେଲେ କହିବା କହିବା ବୋଲି କେବେ କିଏ ଏମିତି ମନରେ
ନିଷ୍ପତ୍ତି ଚିନ୍ତାମନରେ । ପୁଣି, କେହି ଏକ ଅଜଣା ଆବେଗରୁ
ଆପଣା ସ୍ୱାର୍ଥ ମନକୁ ଖୁମୁରି ଭାବେ ଯେବ... ସେତେ ସେତେ
ନୀରବୀ ସାହସୀବା କଥା ଆଉ ଛାଡି ଦେଇ ଦିଆ ।
ଇଚ୍ଛା ହୁଏ କହିଦେବାକୁ.....
ଆଜି ବଦଳି ଯାଉଛି ଭଗବାନ୍ । ସ୍ୱାର୍ଥାନ୍ୱେଷୀ ମଣିଷର ଲୋଭ
ଆଉ ଆକର୍ଷ ମାନୁନି । ଜଳ, ଜମି, ଜଙ୍ଗଲ ଏବେ ବିପନ୍ନ ହେଉଛି,
ଜୀବ ପାଇଁ, ଜୀବନ ପାଇଁ । ପ୍ରକୃତି ଆଜି କହିଉଠିଛି ସାରି ଗଲି
ଆଉ ଜାତି । ଜୀବନ ଚିହ୍ନିବାର ଚାହିଁବସିଲାଣି ଏଠି । କହିବାକୁ
କଷ୍ଟକର ପ୍ରଶ୍ନ ଅନେକଙ୍କୁ ବ୍ୟସ୍ତ କରାଏ ।
କେମିତେ ଅବୁଝା ଅବୁଝା ଲାଗିଲେ ବି, କୋଟିଏ କଥା କିନ୍ତୁ ବୁଝାଉଛି ବି
ପ୍ରକୃତି (ପରିବେଶ).... ବୁଝିପାରୁନି । ଆମର ପ୍ରବୃତ୍ତି
ଆମକୁ ବିନାଶ ଆଡ଼କୁ ନେଇଯାଉଛି ।
ଆଜିର ଶିଶୁ ପାଇଁ ସେ ଗୀତ, ପ୍ରାଣୀ ଅବା ଜନ୍ତୁଙ୍କର ଧର୍ମ ବିଷୟ
ଅବୁଝା ହେଲାଣି । ସବୁଜତା ସେମିତି ସ୍ୱପ୍ନରେ ହିଁ ରହିଲାଣି ।
ବିକାଶ ଆଉ ବିଳାସ ବାସନାର ମୋହରେ ପଡି ଧୂଳି ଧୂଆଁ, କୋଳାହଳ
ଆଉ ଆବର୍ଜନାର ଅଣନିଶ୍ୱାସୀ ପରିବେଶରେ ସାରା ବିଶ୍ୱ ସେମିତି
ଏକ ଧ୍ୱଂସକୁ ଅପେକ୍ଷା କରିଛି । ତେବେ ଡର ହେଉ ଆଉ କୋଉ
ଯୋଡିବାରେ କେଉଁ ସମୟ କେଜାଣି କଣ ଏଥିରୁ ମୁକ୍ତି ଆସିବାକୁ
ଦିଆ ଯୋଡିବା ।

ଏମିତି ଅନେକ ଭାବନାରୁ ସମ୍ଭାବନା ଏକ ଛୋଟିଆ ପ୍ରୟାସ
ଆରମ୍ଭ କରିବାକୁ ଯାଉଛି । ଗଛଟିଏ ପାଇଁ ସାଥୀଟିଏ
ଖୋଜୁଛି । ଏମିତି କୋଟିଏ କୋଟିଏ ଗଛରୁ ଅନେକ ଗଛ
ପାଇଁ ସଙ୍କଳ୍ପ ଏକାଠି କରିବାର ବିଶ୍ୱାସ ରଖୁଛି ।

ଏମିତି ଏକ ପ୍ରୟାସରେ ସମ୍ଭାବନା ଆପଣଙ୍କର
ଏକାନ୍ତ ସହଯୋଗକୁ ଅପେକ୍ଷା ରଖୁଛି । ଅନୁରୋଧ ରହିଲା
ଆମ ସହ ସମ୍ପର୍କ ଯୋଡିବେ, କିଛି କଥା କହିବେ, ପରାମର୍ଶ ଦେବେ

ଗୁହାରି ରାତି ପାହିବ, ଭୋର ଆକାଶର ସ୍ୱର
ଆଲୁଅରେ ଆମ ଚାରିଦିଗ ସବୁଜ ସବୁଜ ଦିଶିବ । ସେଇ ସବୁଜ
ଗଛ ଡାଳରୁ ପକ୍ଷୀମାନେ ଅଳସ ଭାଙ୍ଗି ଗାଇ ଉଠିବେ....
ନୂଆ ଜୀବନର ଗୀତ । ପ୍ରକୃତି ଖୁସିବ ପ୍ରକୃତି ସହ ଏକାଠି
ହୋଇ ବଞ୍ଚିବାର ଜୀବନ ସଙ୍ଗୀତ ॥

ଇତି.

'ସମ୍ଭାବନା'

ଆମ ସହ ଆସନ୍ତୁ କଥା ହେବା :
ସମ୍ଭାବନା ଉଚ୍ଛୁଲାଇ, ପୋ - ଜେନ୍ଦ୍ର
ରାଜନଗର, କେନ୍ଦ୍ରାପଡ଼ା - 754220
ଫୋନ୍ : 9777032573



## ॥ ମଦମୁକ୍ତି ପାଇଁ ଯୁବକ ଲୋଡ଼ା ॥

ଓଡ଼ିଶାର ଇତିହାସ ଯଦି ସ୍ୱାଭିମାନର ଦଲିଲ୍ ହୁଏ ତେବେ ଏ ମାଟିର ଯୁବଶକ୍ତି ତା'ର ସ୍ୱୟଂସିଦ୍ଧ ଦାୟାଦ । ଓଡ଼ିଆ ଜାତିର ଆଜି ଓ ଆସନ୍ତାକାଲି ତାହା ଉପରେ ନିର୍ଭର କରିବାକୁ ବାଧ୍ୟ । ଏହି ଅନୁଭବ ଆଧାରରେ ଓଡ଼ିଶାକୁ ମଦମୁକ୍ତ କରିବାର ଅଭିଯାନ ଜାରିରଖିଥିବା ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଯୁବଶାଖା ଭାବରେ ୩୧ ଜାନୁଆରୀ ୨୦୧୮ ଦିନ ଜନ୍ମ ନେଇଛି "ମଦମୁକ୍ତି ଯୁବବାହିନୀ",ମୟୁରଭଞ୍ଜରୁ ମାଲକାନଗିରି, ବରଗଡ଼ରୁ ବାଲେଶ୍ୱର; ମଦ ବିରୁଦ୍ଧରେ ଲଢୁଥିବା ଦଶ ସହସ୍ର ରୁ ଅଧିକ ଓଡ଼ିଆଙ୍କ ଗରିମାମୟ ଉପସ୍ଥିତିରେ ଭୁବନେଶ୍ୱର ଲୋୟର ପିଏମଜି ଠାରେ । ସେବେଠୁ ଆରମ୍ଭ ହୋଇଛି ଯୁବକ ମାନଙ୍କୁ ଭେଟିବା, ତାଙ୍କ ସହ କଥା ହେବା ଏବଂ ମଦ କୁ ମନା କରୁଥିବା ଯୁବକ-ଯୁବତୀ ମାନଙ୍କୁ ଏକାଠି କରିବାର କାମ । ଏବଂ ଏହା ଜାରି ରହିବ ଲକ୍ଷ୍ୟ ହାସଲ ହେବା ଯାଏ ।

ଯିଏ ମଣିଷ କୁ ଭଲପାଏ, ସେ ଆଜି ଅନେକ ସମୟରେ ଅସହାୟ । ସେ ଆଜି ଏକା ଏକା, ଯିଏ ମଦ ପିଏନା । ଆହୁରି ଏକାକୀ ସିଏ, ଯିଏ ମଦକୁ ବରଦାସ୍ତ କରିପାରେନା । ଗରିବ ମଦୁଆର ହିନସ୍ତା ଦେଖି ସିଏ କଷ୍ଟ ପାଏ । ନିଜ ଗାଁ ମୁଣ୍ଡରେ ନୂଆ ସରକାରୀ ମଦ ଦୋକାନଟିଏ ଖୋଲିଗଲେ ଧକ୍କାଟିଏ ଖାଏ ସେ ପଛପଟୁ । ମଦମୁକ୍ତି ସଂଗ୍ରାମୀ ମା' ଟିଏ ମୁଣ୍ଡରେ ପୁଲିସର ଲାଠି ପାହାର ବସିଲେ ଯେଉଁ ଯୁବକ ଛାତିରୁ ରକ୍ତବହେ - ମଦମୁକ୍ତି ଆନ୍ଦୋଳନକାରୀ କୁ ମନ୍ତ୍ରୀ ତାଛଲ୍ୟ କଲେ ଯେଉଁ ଯୁବକ ର କଅଁଳ ଛାତିରେ କଣ୍ଟାଟିଏ ଫୋଡ଼ି ହୋଇଯାଏ - ତାରି ବୟସର ଯୁବକ-ଯୁବତୀ କ୍ରିକେଟ-ସିନେମା ରେ ବୁଡ଼ି ରହୁଥିବା ବେଳେ ଯିଏ ଡ଼ିସେମ୍ବର ର ରାତି ଅଧ ଶୀତରେ ଓ ଭୋକିଲା ପେଟରେ ଫୁଟ୍‌ପାଥ ରେ ଶୋଇ ପଡ଼ିଥିବା ମଣିଷକୁ ଘୋଡ଼ାଇ ଦେଇ ଆସେ ଚାଦର ଖଣ୍ଡେ, ଯାଚି ଦିଏ ମୁଠାଏ ଚୂଡ଼ା- ନିଜର ସାମର୍ଥ୍ୟ ଅଛି କି ନା, ତାର ପରବାୟ ନ କରି ମଦ ଦୋକାନ ଖୋଲି ଚାଲିଥିବା ଏକ କ୍ଷମତା ସଶକ୍ତ ସରକାର ସହ ଏକ ମୁହାଁ ମୁହିଁ ଲଢେଇକୁ ଡ଼େଇଁ ପଡ଼ିବାକୁ ଅଧର୍ଯ୍ୟ ହୋଇଉଠେ ଯିଏ - ମଦପିଇ ମରିଥିବା ଲୋକଟିର ବିଧବା ଟି ଠାରେ ଯିଏ ଦେଖୁଥାଏ ନିଜ ବୋଉର ହା ହୁତାଶ ମୁହଁ - ନମତରାରେ ଗୁଳି ଖାଇଥିବା ରୀତା ଠି ଦେଖେ ଯିଏ ନିଜ ଭଉଣୀର କାନ୍ଦୁରା ଆଖି - ମୁଖ୍ୟମନ୍ତ୍ରୀ ଙ୍କ ଦ୍ୱାରା ଭିତ୍ତିସ୍ଥାପିତ ବଲରାମପୁର ବିଅର ଫ୍ୟାକ୍ଟ୍ରି ପାଇଁ ପୋଲିସ ସୁରକ୍ଷାରେ ସହସ୍ର ଗଛ ବଳି ପଡୁଥିବା ବେଳେ ଯାହାର ରକ୍ତ ଗରମ ହୋଇଉଠେ,

ତାରି ପାଇଁ, କେବଳ ତାରି ପାଇଁ, ତାରି କୋହ କୁ କ୍ରାନ୍ତି ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ,
ତାରି ସ୍ୱପ୍ନର ଆସନ୍ତା କାଲିଟିଏ ପାଇଁ, ତାରି ଆତ୍ମତ୍ୟାଗ, ସାଧନା ଓ ନେତୃତ୍ୱର ମଞ୍ଚ ହେବା ପାଇଁ,
ତାରି ଭାବନାକୁ ରୂପ ଦେବା ପାଇଁ, ତାରି ଦାଇତ୍ୱ ରେ ଏ ସମାଜ କୁ ଅର୍ପଣ କରିବା ପାଇଁ...

## ମଦମୁକ୍ତି ଯୁବବାହିନୀ

### ଆମର ଲକ୍ଷ୍ୟ-ଦାବୀ

- ଓଡ଼ିଶାର ମଦ ଦୋକାନ ଗୁଡ଼ିକୁ ଦିଆଯାଇଥିବା ସମସ୍ତ ସରକାରୀ ଲାଇସେନ୍ସ ପ୍ରତ୍ୟାହାର ।
- ମଦମୁକ୍ତି ଆନ୍ଦୋଳନକାରୀ ମାନଙ୍କ ଉପରେ କରାଯାଇଥିବା ଆନ୍ଦୋଳନ ସମ୍ପର୍କିତ ସମସ୍ତ ମକଦ୍ଦମା ଗୁଡ଼ିକର ନିସର୍ତ୍ତ ପ୍ରତ୍ୟାହାର ।
- ଆନ୍ଦୋଳନକାରୀ ମାନଙ୍କ ଉପରେ ହୋଇଥିବା ଆକ୍ରମଣ, ଗୁଳିଚାଳନା ଇତ୍ୟାଦି ର ସମୟବଦ୍ଧ ବିଚାର ଓ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡବିଧାନ ।
- ଦିଲେଶ୍ୱର ଦଣ୍ଡସେନା, ଉର୍ମିଳା କହଁର ଇତ୍ୟାଦି ମଦମୁକ୍ତି ସଂଗ୍ରାମ ରେ ଜୀବନ ଦେଇଥିବା ଶହୀଦ୍ ମାନଙ୍କୁ ଉପଯୁକ୍ତ ସମ୍ମାନ ଓ ସେମାନଙ୍କ ପରିବାରକୁ କ୍ଷତିପୂରଣ ।
- ଓଡ଼ିଶା କୁ ମଦମୁକ୍ତ ଘୋଷଣା ଓ ତାର କାର୍ଯ୍ୟାନ୍ୱୟନ ନଚେତ୍ ବିଜୁ ଯୁବବାହିନୀ ର 'ନିଶା କୁ ନା' ଅଭିଯାନ କୁ ଅବୈଧ ଘୋଷଣା ।

ମଦମୁକ୍ତ ଓଡ଼ିଶା
ଆମର ଦାବି ନୁହଁ ଜିଦ୍

9040013009 / 9439099789
/Sambhaba.org

# KNS LIVE

(Fight for Right)

**ଖବର ମାଧ୍ୟମରେ ପରିବର୍ତ୍ତନର ସ୍ୱର**

**କେନ୍ଦ୍ରାପଡ଼ା ନିଉଜ୍ ସର୍ଭିସ**

---

କେନ୍ଦ୍ରାପଡ଼ା ସେବା ସମିତି, କେନ୍ଦ୍ରାପଡ଼ା

୦୯ ଅକ୍ଟୋବର ୨୦୧୫



ଅସହାୟ, ଭିନ୍ନକ୍ଷମ, ଦୁର୍ଘଟଣାଗ୍ରସ୍ତ, ଦଳିତ ଓ ନିଷ୍ପେସିତ ମାନଙ୍କ ସେବାରେ

(ସହଯୋଗର ହାତ ଆମର ଲକ୍ଷ୍ୟ)

ଯୋଗାଯୋଗ : **9658111254, 9776912345**